ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୬ ମାର୍ଚ୍ଚ ୨୦୨୬

----

**[ମୁଖ୍ୟମନ୍ତ୍ରୀ - ଯୋଜନା ଓ ସଂଯୋଜନ - ସୂଚନା ଓ ଲୋକ ସମ୍ପର୍କ - ପରିବହନ - ବାଣିଜ୍ୟ - ଜଳ ସମ୍ପଦ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ].**

**ମୋଟ ପ୍ରଶ୍ନର ସଂଖ୍ୟା - 249**

----

### ASKA ବଦଳରେ ASIKA ନାମିତ କରିବା ପାଇଁ ପଦକ୍ଷେପ

**4545 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାର ଆସିକା ସହରକୁ ଇଂରାଜିରେ "ASKA" ରୂପେ ବ୍ୟବହାର କରାଯାଉଛି ମାତ୍ର ଓଡ଼ିଆର ଆକ୍ଷରିକ ଇଂରେଜି ଶବ୍ଦ ହେଉଛି "ASIKA" ଏଣୁ ASKA ପ୍ରତି ବଦଳରେ ASIKA ନାମିତ କରି ସରକାରୀ ବିଜ୍ଞପ୍ତି କେତେ ଦିନ ମଧ୍ୟରେ ପ୍ରକାଶ କରିବେ?

----

### Free bus rides for students

**4671 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- It is a fact that the government, announced free bus rides for school students earlier. How many municipalities and rural routes have implemented this fully, and what measures ensure compliance by private and government schools; if so, the details there of ?

----

## ପାନୀୟ ଜଳ ବ୍ୟବହାର ପାଇଁ ଜଳଭଣ୍ଡାର ନିର୍ମାଣ

5088 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପାନୀୟ ଜଳ ଯୋଗାଣ ପାଇଁ କେତୋଟି ଜଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି ; ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଜଳଭଣ୍ଡାର ବିପଦ ସଙ୍କୁଳ ଅବସ୍ଥାରେ ରହିଛି ; କେତୋଟି ଜଳ ଭଣ୍ଡାରରେ ଘାଇ ସୃଷ୍ଟି ହୋଇଛି ; ଏହାର ଏକ ତାଲିକା ପ୍ରଦାନ କରିବେ କି ; ରାଜ୍ୟରେ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ରାଜ୍ୟରେ ଅତିରିକ୍ତ ଜଳ ଭଣ୍ଡାରର ଆବଶ୍ୟକତା ରହିଛି କି ; ରାଜ୍ୟ ସରକାର ଗତ ଦୁଇ ବର୍ଷ ମଧ୍ୟରେ କେତେ ଅତିରିକ୍ତ ଜଳ ଭଣ୍ଡାର ନିର୍ମାଣ କରିଛନ୍ତି?

----

## ଉନ୍ନୟନମୂଳକ କାର୍ଯ୍ୟରେ ବିଳମ୍ବ

5154 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) District Planning Office ତରଫରୁ ବ୍ଲକମାନଙ୍କୁ ମଗାଯାଉଥିବା ବିଭିନ୍ନ ପ୍ରକଳ୍ପର Feasibility Report ଗୁଡିକ ବ୍ଲକମାନଙ୍କରେ ବହୁଦିନ ପଡିରହୁଥିବା ହେତୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଳମ୍ବ ହେଉଥିବା ଦୃଷ୍ଟିରୁ ଏହା କିପରି ଯଥାଶୀଘ୍ର ହୋଇପାରିବ ସେଥିପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପମାନ ଗ୍ରହଣ କରାଯାଇଛି ଜଣାଇବା ସହ ; (ଖ) କଟକ ଜିଲ୍ଲାର କେଉଁ ବ୍ଲକଗୁଡିକରେ ଅଦ୍ୟାବଧି Feasibility Report ଗୁଡିକ ପ୍ଲାନିଂକୁ ନପଠାଇ ବ୍ଲକ ସ୍ତରରେ ପଡିରହିଅଛି ତାର ଏକ ବ୍ଲକୱାରୀ ତାଲିକା ଦେବେ କି ଏବଂ ବ୍ଲକ୍ ଅଧିକାରୀମାନେ ପ୍ଲାନିଂକୁ ସହଯୋଗ ନକରିବାର କାରଣ କଣ ଏବଂ ଗୋଟିଏ ପ୍ରକଳ୍ପର Feasibility Report କେତେ ଦିନ ମଧ୍ୟରେ ପ୍ରଦାନ କରିବାର ନୀତିନିୟମ ରହିଛି?

----

## ଭୂମୀହୀନ ଲୋକଙ୍କ ସର୍ଭେ

5192 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-(କ) ଦେବଗଡ ମ୍ୟୁନିସିପାଲିଟିରେ କେତେଜଣ ଭୂମୀହୀନ ଲୋକ ଅଛନ୍ତି ତାର ସର୍ଭେ କରାଯାଇଛି କି ଓ ଏହି ସର୍ଭେର ପୁର୍ଣ୍ଣାଙ୍ଗ ଦେବେକି (ଖ) ଚିହ୍ନଟ ହେଉଥିବା ଭୂମୀହୀନ ଲୋକଙ୍କ ମଧ୍ୟରୁ କେତେଜଣଙ୍କୁ କେତେ କେତେ ପରିମାଣର ଜମି ଯୋଗାଇବ?

----

## ମାଲ ପରିବହନ ପରିମାଣ

5417 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ः**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାରାଦ୍ୱୀପ ବନ୍ଦର ଓ ଅନ୍ୟାନ୍ୟ ବନ୍ଦର କେତେ କେତେ ମାଲ ପରିବହନ ଗତ 2 ବର୍ଷରେ ହୋଇଛି ଓ ଏ ବାବଦକୁ କେତେ ଟଙ୍କା ସରକାରଙ୍କର ରାଜସ୍ୱ ଆସିଛି?

----

## ଗଚ୍ଛିତ ଥିବା ଖଣିଜ ପଦାର୍ଥ

5607 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗଚ୍ଛିତ ଥିବା ବିଭିନ୍ନ ଖଣିଜ ପଦାର୍ଥ ଗୁଡିକର ଗଚ୍ଛିତ ପରିମାଣ କେଉଁ ମସିହାରେ survey ହେଲା ; କେଉଁ ଆଧାରରେ ହୋଇ quantity ନିର୍ଦ୍ଧାରଣ କରାଯାଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା କେତେ ପରିମାଣରେ ଖଣିଜ ପଦାର୍ଥ ଅଦ୍ୟାବଧି utilize ହୋଇସାରିଲାଣି ?

----

## କାର୍ଯ୍ୟ ଚାଲୁଥିବା ଜଳସେଚନ ପ୍ରକଳ୍ପ

5608 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ଜଳସେଚନ ପ୍ରକଳ୍ପ ବର୍ତ୍ତମାନ ଅର୍ଦ୍ଧନିର୍ମିତ ହୋଇ ରହିଛି ଏବଂ ସେଗୁଡିକ କେବେ ଆରମ୍ଭ କରାଯାଇଥିଲା ; ଆରମ୍ଭ ହେବା ସମୟରେ ତାର ବଜେଟ ଅଟକଳ କେତେ ଥିଲା ଏବଂ ବର୍ତ୍ତମାନ କେତେ revise ଅଟକଳ ଧାର୍ଯ୍ୟ କରାଯାଇଛି ଏବଂ ସେଗୁଡିକ କେବେ ଶେଷ ହେବ କହିବେ କି ; (ଖ) ରାଜ୍ୟରେ ଭବିଷ୍ୟତରେ ଜଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେଉଁ କେଉଁ ନଦୀରେ instream storage structure କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି ଏବଂ ଏଥିପାଇଁ 2026-27 ରେ କେତେ ଅର୍ଥ ବରାଦ ହୋଇଛି?

----

## ରବି ଋତୁ ପୂର୍ବରୁ ଜଳସେଚନ ସୁବିଧା

5609 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର କାନଝର ଡ୍ୟାମରୁ କେଉଁ କେଉଁ ବ୍ଲକର କେତେଗୋଟି ଗ୍ରାମର ଚାଷ ଜମିକୁ କେନାଲ ଯୋଗେ ଖରାଦିନେ(ରବି ଋତୁରେ) ଜଳ ସେଚନ ସୁବିଧା କରାଯାଉଅଛି ଏବଂ ସେଥିମଧ୍ୟରୁ କେତେଗୋଟି ଗାଁକୁ ଜଳସେଚନ କରାଯାଉନଥିଲେ ମଧ୍ୟ ଜଳକର ଆଦାୟ କରାଯାଉଅଛି ; ଏ ସମ୍ପର୍କରେ କୌଣସି ଗ୍ରାମ ବା ଅଞ୍ଚଳର ଜନସାଧାରଣଙ୍କ ତରଫରୁ ସମ୍ପୃକ୍ତ ବିଭାଗରେ ଆପତ୍ତି ଅଭିଯୋଗ କରିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଯଦି ଥାନ୍ତି ତେବେ, ସେହି ଅଭିଯୋଗ ଆଧାରରେ ଜଳସେଚନ କରାଯାଉନଥିବା ଗ୍ରାମ ଗୁଡିକୁ ରବି ଋତୁ ପୂର୍ବରୁ ଜଳସେଚନ ସୁବିଧା ଯୋଗାଇ ଦେବେ କି?

----

## ସ୍ଲୋରୀ ପାଇପ ଯୋଗେ କଞ୍ଚାମାଲ ନେବା

5610 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରୁ ସ୍ଲୋରୀ ପାଇପ ମାଧ୍ୟମରେ କଞ୍ଚାମାଲ ନେବା ନିମନ୍ତେ ଅନେକ କମ୍ପାନୀକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିବାରୁ ବେକାରୀ ଶିକ୍ଷିତ ଯୁବକ ଯୁବତୀ ବ୍ୟାଙ୍କ ମାଧ୍ୟମରୁ ଗାଡି ଋଣ ନେଇ ଜୀବନ ଜୀବିକା ନିର୍ବାହ କରିବା ଏବଂ ଗାଡି ମାଧ୍ୟମରେ ଅନେକ ବାଣିଜ୍ୟ/ବ୍ୟାପରକୁ ସହଯୋଗ କରୁଥିବା ସତ୍ୟ କି ; ସ୍ଲୋରୀ ପାଇପ ମାଧ୍ୟମରେ କମ୍ପାନୀମାନେ ପାରାଦ୍ୱୀପ ବନ୍ଦର ଓ ଅନ୍ୟ ବନ୍ଦରମାନଙ୍କୁ କଞ୍ଚାମାଲ ପରିବହନ କରିବା ଦ୍ୱାରା ଶିକ୍ଷିତ ଯୁବକ ଯୁବତୀ ଓ ଅନ୍ୟ ଜନସାଧାରଣ ଗାଡି ଗୁଡିକୁ ମାଲ ପରିବହନରୁ ବଞ୍ଚିତ ହେଉଥିବାରୁ ବ୍ୟାଙ୍କରୁ ନେଇଥିବା ଋଣ ସୁଝିପାରୁ ନଥିବାରୁ ବ୍ୟାଙ୍କ/Financer ଗାଡିଗୁଡିକୁ ଟାଣି ନେଇ Auction କରି ଦେଉଛନ୍ତି ଯାହା ଫଳରେ ଶିକ୍ଷିତ ଯୁବକ ଯୁବତୀ ଓ ଅନ୍ୟ ଗାଡି ମାଲିକମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି କି?

----

## ଡାଲୁଅ ଓ ରବିଚାଷ ପାଇଁ କେନାଲରେ ପାଣି ଛାଡିବା

5611 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାରେ ବିଗତ ତିନି ବର୍ଷ ଧରି କେଉଁ କେନାଲରେ ରବିଧାନ ଚାଷ ପାଇଁ ପାଣି ଛଡାଯାଉନାହିଁ ପ୍ରକାଶ କରି ଡାଲୁଅ ବା ରବିଧାନ ଚାଷ ପାଇଁ କେନାଲରେ ପାଣି ଛାଡିବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି?

----

## ମହଜୁଦ ଥିବା ଖଣିଜ ସମ୍ପଦ

5612 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାରେ କେଉଁ କିସମର କେତେ ପରିମାଣର କେଉଁ ଖଣିଜ ସମ୍ପଦ ମହଜୁଦ ଥିବା ଆକଳନ କରାଯାଉଛି ; ବର୍ତ୍ତମାନ ଯେଉଁ ପରିମାଣରେ ଖଣିଜ ଉତ୍ତୋଳନ ହେଉଛି ସେହି ଅବସ୍ଥା ଲାଗି ରହିଲେ କେତେ ବର୍ଷ ପରେ ରାଜ୍ୟ ଖଣିଜ ସମ୍ପଦ ଶୂନ୍ୟ ହେବ ପ୍ରକାଶ କରି ଭବିଷ୍ୟତ ପାଇଁ ଖଣିଜ ସମ୍ପଦ ସାଇତି ରଖିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଭୂତଳ ଜଳ ସ୍ତର ସ୍ଥିତି

5613 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ମହାନଗର ନିଗମ, ଜଟଣୀ, ଖୋର୍ଦ୍ଧା ପୌରପାଳିକା, ସହ କେଉଁ ବ୍ଲକ ଅଞ୍ଚଳରେ ଭୂତଳ ଜଳ ସ୍ତର ସ୍ଥିତି କଣ ଅଛି ପ୍ରକାଶ କରି ବର୍ଷାଜଳ ସଂରକ୍ଷଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜମିକୁ ଜଳସେଚନ

5614 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେ ଶତାଂଶ ଚାଷ ଉପଯୋଗୀ ଜମିରେ 2026 ଫେବୃୟାରୀ 24 ସୁଦ୍ଧା କେତେ ଶତାଂଶ ଜଳସେଚନ ସାମର୍ଥ ସୃଷ୍ଟି କରାଯାଇଛି ଓ ବାସ୍ତବରେ ତାହା କେତେ ଶତାଂଶ ଜମିକୁ ଜଳସେଚିତ କରୁଛି ତାହାର ଜିଲ୍ଲାୱାରୀ ବିବରଣୀ ଦେବେ କି, (ଖ) ସାମର୍ଥ ଓ ବାସ୍ତବ ଜଳସେଚନ ମଧ୍ୟରେ ଥିବା ଦୂରତା ଦୂର କରିବା ପାଇଁ 2024-25 ଓ 2025-26 ରେ କି କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## DMF ପରିଚାଳନା ପାଇଁ ନିର୍ଦ୍ଦେଶନାମା

5615 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ଗୋଟି District Mineral Fund ଅଛି ଓ ସେହି ଫଣ୍ଡକୁ 2019-20 ଠାରୁ 2025-26 ଫେବୃୟାରୀ 24 ସୁଦ୍ଧା କେତେ କେତେ ରାଶି ଉପଲବ୍ଧ ହୋଇଅଛି ଓ ତହିଁରୁ କେତେ ଶତାଂଶ ଖର୍ଚ୍ଚ ହୋଇଅଛି ବିବରଣୀ ଦେବେ କି, (ଖ) ଏହି DMF ପରିଚାଳନା ପାଇଁ ସରକାର କି କି ନିର୍ଦ୍ଦେଶନାମା ଜାରି କରିଛନ୍ତି ?

----

## Requirement of Iron Ore and other mineral resources

5616 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government has assessed the requirement of iron ore and other mineral resources for the proposed ArcelorMittal Nippon Steel project in Kendrapara district; (b) Whether any long-term linkage or allocation of mineral resources from mines within Odisha has been proposed or approved for the said project; and What steps the Government proposes to take to ensure adequate value addition within the State and protection of State revenue while supplying mineral resources to such large industrial projects ?

----

## Introduce a minimum standardized driving skill test

5617 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government proposes to introduce a minimum standardized driving skill test duration (around 30 minutes per candidate) along with a comprehensive evaluation mechanism in all Driving Licence testing centres to ensure proper assessment of driving competence and improve road safety in the State; (b) Whether the Government is aware that several driving, simulator machines earlier installed

in different RTO offices under the supervision of the State Transport Authority, Odisha are presently non-functional or lying unused, and if so, the details thereof RTO-wise along with the reasons for such non-functioning ?

----

## DMF ଏବଂ OMBADC ଉପରୁ ରାଜସ୍ୱ ଆଦାୟ

5618 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ଖଣିଜ ରୟାଲ୍, DMF ଏବଂ OMBADC ଉତ୍ସରୁ କେତେ ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରା ଯାଇଥିଲା, ୭ ମାର୍ଚ୍ଚ ୨୦୨୬ ସୁଦ୍ଧା ଉପରୋକ୍ତ ଉତ୍ସ ଗୁଡ଼ିକରୁ ପ୍ରକୃତରେ କେତେ ଅର୍ଥ ଆଦାୟ ହୋଇଛି, ତାହାର ଉତ୍ସୱାରୀ ବିବରଣୀ ପ୍ରଦାନ କରିବେ କି, ଖଣିଜ ରୟାଲ୍ଟି ଆଦାୟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଥିବା ବେଳେ, ଚଳିତ ବର୍ଷ DMF ଏବଂ OMBADC ପାଣ୍ଠିରେ ଜମା ହୋଇଥିବା ଅର୍ଥର ବିବରଣୀ ପ୍ରଦାନ କରିବେ କି ?

----

## ନୂତନ ବସଷ୍ଟାଣ୍ଡ ଓ ବିଶ୍ରାମଗାର ନିର୍ମାଣ

5619 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଦେଇ ଯାଇଥିବା ୧୬ ଓ ୫୩ ନମ୍ବର ଜାତୀୟ ରାଜପଥରେ ଗତ ୩ ବର୍ଷ ମଧ୍ୟରେ କେତୋଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ଏଥିରେ କେତେ ଜଣ ପ୍ରାଣ ହରାଇଛନ୍ତି; ଏହାର ବର୍ଷୱାରୀ ପରିସଂଖ୍ୟାନ ପ୍ରଦାନ କରିବେ କି; ଛତିଆ ଏବଂ ବାଲିଚନ୍ଦ୍ରପୁର ପରି ପ୍ରମୁଖ ଛକରୁ ପ୍ରତିଦିନ ଯାତାୟାତ କରୁଥିବା ହଜାର ହଜାର ଯାତ୍ରୀଙ୍କ ସୁବିଧା ପାଇଁ ନୂତନ ବସ୍ ଷ୍ଟପ୍ କିମ୍ବା ବିଶ୍ରାମାଗାର ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ପ୍ରସ୍ତାବ ରହିଛି କି; ଯଦି ହଁ, ଏହି ପ୍ରକଳ୍ପ ଗୁଡ଼ିକ ପାଇଁ ସରକାର କେତେ ପରିମାଣର ଅନୁଦାନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି; ଏହାର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହେବ?

----

## ଜମିକୁ ଜଳସେଚନ

5620 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଙ୍କି ନିର୍ବାଚନ ମଣ୍ଡଳୀରେ ଜଳସେଚନ ନିମିତ୍ତ କେତେଗୋଟି, ବନ୍ଧ, ପୋଖରୀ, କେନାଲ ଓ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ କେତେ ଜମିକୁ ଜଳସେଚିତ କରାଯାଉଛି, ତନ୍ମଧ୍ୟରୁ ଏହାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ଗ୍ରୀଷ୍ମ ପ୍ରାବାହର ମୁକାବିଲା

5621 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ତରଫରୁ ଏହାର ମୁକାବିଲା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିପର୍ଯ୍ୟୟ ମୁକାବିଲା ପାଇଁ କେନ୍ଦ୍ରଠାରୁ ମିଳିଥିବା ଅର୍ଥ

5622 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ ବିପର୍ଯ୍ୟୟ ମୁକାବିଲା ପାଇଁ କେନ୍ଦ୍ର ସରକାର ଗତ ୫ବର୍ଷ ମଧ୍ୟରେ ଓଡ଼ିଶାକୁ କେତେ ଅର୍ଥ ଯୋଗାଇ ଦେଇଛନ୍ତି ଓ ଏଥରୁ କେଉଁ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ; ଏହାର ଏକ ବର୍ଷୱାରୀ ତାଲିକା ପ୍ରଦାନ ସହିତ ଉପକୂଳରେ ବାତ୍ୟା ସହନଶୀଳ ବିଜୁଳି ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ସରକାର କି କି ଦାବି କରିଥିଲେ ଓ ତଦନୁଯାୟୀ କେନ୍ଦ୍ର ସରକାର କେତେ ଅର୍ଥ ଦେଇଛନ୍ତି ଏବଂ ଏହି ଅର୍ଥରେ କି ପ୍ରକାର ଭିତ୍ତିଭୂମି ପ୍ରତିଷ୍ଠା ହୋଇଛି ?

----

## ଓଡ଼ିଶାରେ ଥିବା ବକ୍ସାଇଟ, ଚୂନପଥର ଓ କ୍ରୋମ ପଥର ମହଜୁଦ

5623 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ କେତେ ପରିମାଣର ବକ୍ସାଇଟ, ଚୂନପଥର ଓ କ୍ରୋମ ପଥର ମହଜୁଦ ରହିଛି ଏବଂ ଏଥିରୁ ବାର୍ଷିକ କେତେ ପରିମାଣର ଖଣିଜ ସାମଗ୍ରୀ ଉତ୍ତୋଳିତ ହେଉଛି; ଉତ୍ତୋଳିତ ଖଣିଜ ସାମଗ୍ରୀ ମଧ୍ୟରୁ ରାଜ୍ୟ ଭିତରେ କେତେ ବ୍ୟବହାର ହେଉଛି ଓ କେତେ ଖଣିଜ ସାମଗ୍ରୀ ବାହାରକୁ ରପ୍ତାନି କରାଯାଉଛି ତାହାର ଏକ ଖଣିଜ ପଦାର୍ଥୱାରୀ ତାଲିକା ପ୍ରଦାନ କରିବେ କି ?

----

## Ayacut ବୃଦ୍ଧି ପାଇଁ ପଦକ୍ଷେପ

5624 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେଉଁଝର ଜିଲ୍ଲାରେ ସମସ୍ତ କ୍ଷୁଦ୍ର, ମଧ୍ୟମ, ବୃହତ ଓ ଜଳସେଚନ ପ୍ରକଳ୍ପର ମୋଟ irrigation potential କେତେ; ପ୍ରୋଜେକ୍ଟୱାରୀ ଏହାର ତାଲିକା ଦେବା ସଙ୍ଗେ ସଙ୍ଗେ ନୂଆ କରି କୌଣସି ପ୍ରୋଜେକ୍ଟ କାମ ଆରମ୍ଭ ହେବାର ଅଛି କି ଜଣାଇବେ; Existing ପ୍ରୋଜେକ୍ ଗୁଡ଼ିକର ayacut ବୃଦ୍ଧି ପାଇଁ କିଛି ପଦକ୍ଷେପ ସରକାର ନେଇଛନ୍ତି?

----

## ଜଳ ନିଷ୍କାସନ ସମସ୍ୟାର ସମାଧାନ

5625 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଘଷିପୁରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ନାଳ ଓ ନର୍ଦ୍ଦମାଗୁଡ଼ିକର ଦୀର୍ଘଦିନ ଧରି Renovation କାର୍ଯ୍ୟ ହେଉନଥିବା ଦୃଷ୍ଟିରୁ ଏଠାରେ ଜଳବନ୍ଦୀ ଓ ଜଳନିଷ୍କାସନ ସମସ୍ୟା ଲାଗି ରହୁଛି ବୋଲି ସରକାର ଜାଣନ୍ତି କି; ଏହି ନିର୍ବାଚନ ମଣ୍ଡଳୀର Drainage କାମର ଦାୟିତ୍ୱ କେଉଁ ସଂସ୍ଥାଙ୍କୁ ଦିଆଯାଇଛି; ବିଗତ ୨୦୧୯-୨୦୨୦ ମସିହାରୁ ଅଦ୍ୟାବଧି ଏହି ସଂସ୍ଥା ଘଷିପୁରା ନିର୍ବାଚନ ମଣ୍ଡଳୀରେ କେତେ ମୂଲ୍ୟର କେଉଁ କେଉଁ କାମ କରିଛନ୍ତି ?

----

## ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା

5626 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ସରକାର ଯୋଜନା ଅଛି କି; ତେବେ ଏ ବର୍ଷ ବଜେଟ ବ୍ୟବସ୍ଥା ହୋଇଛି କି ?

----

## ସୁବର୍ଣ୍ଣରେଖା ପ୍ରକଳ୍ପ ପାଇଁ ବଜେଟ ବ୍ୟବସ୍ଥା

5627 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ୨୦୨୪-୨୫ ଆର୍ଥିକ ବର୍ଷରେ ସୁବର୍ଣ୍ଣରେଖା ପ୍ରକଳ୍ପ ପାଇଁ ବଜେଟରେ କେତେ ଅର୍ଥ ବ୍ୟବସ୍ଥା କରାଯାଇଥିଲା, ଠିକ ସମୟରେ ଅର୍ଥ ଖର୍ଚ୍ଚ ହେଉନଥିବାର କାରଣ କଣ ?

----

## ଚୋରା ଲଘୁ ଖଣିଜ ଦ୍ୱାରା ପେନାଲ୍ଟି ଆଦାୟ

5628 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ସମ୍ବନ୍ଧରେ (କ) ତା. ୧.୬.୨୦୨୨ରୁ ତା ୩୧.୧୨.୨୦୨୩ ପର୍ଯ୍ୟନ୍ତ ଏବଂ ତା ୧.୬.୨୦୨୪ରୁ ତା ୩୧.୧୨.୨୦୨୫ ପର୍ଯ୍ୟନ୍ତ ସମୟ ମଧ୍ୟରେ ପୃଥକ ପୃଥକ ଭାବରେ କେତେଟି ମାମଲା ରଜୁ ହୋଇଛି; (ଖ) ଉକ୍ତ ସମୟ ମଧ୍ୟରେ ପୃଥକ ପୃଥକ ଭାବରେ କେତେଟି ଗାଡ଼ି ଓ ଯନ୍ତ୍ରପାତି (ମେସିନ୍) ସିଜ୍ କରାଯାଇଛି; ଏହି ଅବଧି ମଧ୍ୟରେ କେତେ ଟଙ୍କା ପେନାଲ୍ଟି ଆଦାୟ କରାଯାଇଛି?

----

## ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଥିବା ବ୍ଲାକ ଷ୍ଟୋନ କ୍ୱାରି ଅଛି

5629 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଓ ଯାଜପୁର ଜିଲ୍ଲାର କେଉଁ କେଉଁ ତହସିଲରେ କେତେଟି ବ୍ଲାକ ଷ୍ଟୋନ କ୍ୱାରି ଅବସ୍ଥିତ ଅଛି; (ଖ) ଉକ୍ତ କ୍ୱାରିଗୁଡ଼ିକ ମଧ୍ୟରୁ ବର୍ତ୍ତମାନ କେତେଟି କ୍ୱାରି ଚାଲୁଅଛି; ଚାଲୁଥିବା ପ୍ରତ୍ୟେକ କ୍ୱାରିରୁ ବର୍ଷକୁ କେତେ କ୍ୟୁବିକ୍ ମିଟର (cubic meter) ପଥର ଖୋଳିବା ପାଇଁ ଅନୁମତି ଦିଆଯାଇଛି; ପ୍ରତ୍ୟେକ କ୍ୱାରି ପାଇଁ ପ୍ରତି କ୍ୟୁବିକ୍ ମିଟରରେ ନିର୍ଦ୍ଧାରିତ ରୋୟାଲ୍ଟି/ରେଟ୍ କେତେ ଅଛି; ଉକ୍ତ କ୍ୱାରିମାନଙ୍କରୁ ଖଣି ଭିତ୍ତିକ ଭାବରେ କେତେ ରୋୟାଲ୍ଟି ଆଦାୟ କରାଯାଇଛି?

----

## ଭୂତଳ ଜଳ ହ୍ରାସ

5630 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କିଛି ବର୍ଷ ହେବ ଓଡିଶା ସମେତ ବାଲେଶ୍ୱର ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି ତାହା ସତ୍ୟ କି; ବିଗତ 5 ବର୍ଷରେ ଜିଲ୍ଲାରେ କେତେ ଭୂତଳ ଜଳ ସ୍ତର କମିଛି ତାହାର ଏକ ବ୍ଲକ ୱାରି ତୁଳନାତ୍ମକ ତଥ୍ୟ ପ୍ରଦାନ କରିବେ କି, ଜଳ ସମ୍ପଦ ବିଭାଗ ପକ୍ଷରୁ ଏହାକୁ ରୋକିବା ପାଇଁ କଣ କରାଯାଉଛି କିମ୍ବା କି ପଦକ୍ଷେପ ନିଆ ଯାଉଛି ?

----

## Protection Wall ପ୍ରକଳ୍ପର ଅଗ୍ରଗତି

5631 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଷାଫଳ, ଦୁବଲାଗଡ଼ ଓ ପରଖି ପନ୍ତା ସମୁଦ୍ର କୂଳରେ ସାମୁଦ୍ରିକ protection ୱାଲ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି କଣ, ଉକ୍ତ ପ୍ରକଳ୍ପ ଗୁଡିକ ପାଇଁ କେତେ ଅର୍ଥ ଅଟକଳ କରାଯାଇଛି, ପ୍ରକଳ୍ପ ଗୁଡିକ TAC ପାସ ହୋଇଛି କି ନାହିଁ, ଲୋକଙ୍କୁ ସୁରକ୍ଷା ପାଇଁ କେବେ ସୁଦ୍ଧା ଉକ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ?

----

## ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ

5632 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକର ବାହାଡାଝୋଲା ଗ୍ରାମ ପଂଚାୟତରେ ନିର୍ମାଣାଧୀନ କଳିଆମ୍ବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର କାର୍ଯ୍ୟ ଅଦ୍ୟାବଧି ଶେଷ ନହେବାର କାରଣ କଣ, ତାହା କେବେସୁଦ୍ଧା ଶେଷହେବ ଓ ଆବଶ୍ୟକୀୟ କେନାଲ ବ୍ୟବସ୍ଥା କେବେସୁଦ୍ଧା କରାଯାଇ ଜଳସେଚନ କାର୍ଯ୍ୟ ଆରମ୍ଭ କରାଯିବ?

----

## Supply of Free Sand to Beneficiaries

5633 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether the Government have any plan to supply free sand to beneficiaries under the Pradhan Mantri Awas

Yojana and Antyodaya schemes in the State; if so, the details thereof; (b)whether the Government have taken into consideration the recent rise in prices of construction materials and the reduction of unit assistance for house construction to 10,000 per unit; and the steps being taken by the Government to ensure availability of free or subsidised sand to the beneficiaries for timely completion of houses under the above schemes ?

----

## ପ୍ରତ୍ୟକ ପଞ୍ଚାୟତରେ ରାଜସ୍ୱ ସର୍କଲ ଖୋଲିବା

5634 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ରାଜସ୍ୱ ସର୍କଲ ଖୋଲିବାପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଯୋବ୍ରା ଆନିକରଟର ପୁନଃ ନିର୍ମାଣ

5635 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- କଟକସ୍ଥିତ ଯୋବ୍ରା ଆନିକଟ ପୁରୁଣା ହୋଇଥିବା ପରିପେକ୍ଷୀରେ ଏହାର ପୁନଃ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## New Policy for Modernization & Digitization of Land Records

5636 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- a) Whether the Government has formulated or is proposing to formulate any new policy for modernization and digitization of land records and revenue administration in the State ; (b) If so, the details of the policy and its objectives, the steps taken to ensure transparency, faster mutation, and settlement of land disputes under the new policy across the State ?

----

## ସରକାରୀ ଜମି ରକ୍ଷଣାବେକ୍ଷଣ ବାବଦକୁ ଅର୍ଥ ପ୍ରଦାନ

5637 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ) ୨୦୨୦-୨୧ ଠାରୁ ୨୦୨୫-୨୬ ବର୍ଷ ଅଦ୍ୟାବଧି କେଉଁ ଜିଲ୍ଲାକୁ କେତେ ଅର୍ଥ ସରକାରୀ ଜମି ରକ୍ଷଣାବେକ୍ଷଣା ବାବଦକୁ କେତେ ଅର୍ଥ ପ୍ରଦାନ କରାଯାଇଥିଲା ତାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ଉକ୍ତ ଅର୍ଥ କେଉଁ ଜିଲ୍ଲାରେ ସେହି ବର୍ଷ କେତେ ଖର୍ଚ୍ଚ ହୋଇଥିଲା ଏବଂ କେତେ ଖର୍ଚ୍ଚ ହୋଇନଥିଲା ତାର ଏକ ତାଲିକା ପ୍ରଦାନ କରିବା ସହ ; (ଖ) କଟକ ଜିଲ୍ଲାରେ ଏହି ବର୍ଷଗୁଡିକରେ କେଉଁ ତହସିଲର କେଉଁ ଜମି ଗୁଡିକର ରକ୍ଷଣା ବେକ୍ଷଣା ନିମନ୍ତେ କେତେ ଅର୍ଥ ଖର୍ଚ୍ଚ ହୋଇ କେତେ ପରିମାଣରୁ ଜମିକୁ ଆବଦ୍ଧଭାବରେ ରଖାଯାଇ ଅଛି ତାର ବର୍ଷୱାରୀ, ତହସିଲୱାରୀ ଏକ ତାଲିକା ଦେବାସହ କେଉଁ ବର୍ଷ ଏହି ଅର୍ଥ କେଉଁ କାରଣ ପାଇଁ ଖର୍ଚ୍ଚ ହୋଇନାହିଁ ?

----

## ସରକାରୀ ଓ ଘରୋଇ ଜମି ଜବର ଦଖଲ

5638 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ସରକାରୀ ଜମି ଜବରଦଖଲକୁ ପ୍ରଚ୍ଛେଦ କରିବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି ଓ ଅନୁରୂପ ବ୍ୟବସ୍ଥା ଘରୋଇ ଜମିରେ ବେଆଇନ ଦବରଦଖଲ ବିରୁଦ୍ଧରେ ଲାଗୁ କରି ଜବରଦଖଲ ଶିକାର ହେଉଥିବା ନୀରିହ ଲୋକଙ୍କୁ ତୁରନ୍ତ ନ୍ୟାୟ ଦେବା ସକାସେ ପଦକ୍ଷେପ ନେବେ କି, ଉତ୍ତର ହଁ ହୋଇଥିଲେ ସରକାର ଏ ସମ୍ପର୍କରେ କି ବ୍ୟବସ୍ଥା କରୁଛନ୍ତି, ତାହା ଜଣାଇ କି, ରାଜ୍ୟରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କେତେ ସରକାରୀ ଓ ଘରୋଇ ଜମି ଜବରଦଖଲରେ ଅଛି ଓ ସେ ସଂକ୍ରାନ୍ତରେ କେତୋଟି ମାମଲା ଚାଲିଛି ଏବଂ ଏଯାଏଁ ସରକାର କେତେ ସରକାରୀ ଜମିକୁ ଉଚ୍ଛେଦ କଲେଣି ?

----

## ସବୁ ଚାଷ ଜମିକୁ ଜଳସେଚନ

5639 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବୃହତ୍ତ ଓ ମଧ୍ୟମ ଜଳ ସେଚନ ଯୋଜନା ଗୁଡିକର ଜଳସେଚନ ସୁବିଧା ସୃଷ୍ଟି ହୋଇଥିବା ସବୁ ଚାଷ ଜମିକୁ ସୁଖ୍ୟତଃ ରବି ଋତୁରେ ଅନେକ ସମୟରେ ପାଣି ଯୋଗାଇ ପାରୁନଥିବା ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଉତ୍ତର ହଁ ହୋଇଥିଲେ ଏହାର କାରଣ କଣ ଓ ପ୍ରାୟ କେତେ ପ୍ରତିଶତ ଅଞ୍ଚଳକୁ ଗତ ୩ ବର୍ଷରେ ଜଳସେଚନ ପାଣି ଛଡାଯାଇନାହିଁ ବା ବନ୍ଦ କରିଦିଆଯାଇଛି ଏବଂ ତାହା ପ୍ରତିକାର ପାଇଁ କଣ କରୁଛନ୍ତି ?

----

## ଜମିର ସୀମା ନିର୍ଦ୍ଧାରଣ

5640 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୌଣସି ଆବେଦନକାରୀଙ୍କ ଜମିର ସୀମା ନିର୍ଦ୍ଧାରଣ ସମୟରେ BDA approved layout plan କୁ ଭିତ୍ତିକରି ଅନୁମୋଦିତ ଲମ୍ୱ ଓ ପ୍ରସ୍ଥ ଅନୁଯାୟୀ ସୀମା ନିର୍ଦ୍ଧାରଣ କରି ଚିହ୍ନିତ କରାଯାଏ ବା କେବଳ ଆବେଦନ ଜମିର ଏରିଆ ଦର୍ଶାଇ ସଂପୃକ୍ତ ରାଜସ୍ୱ କର୍ମଚାରୀ ରିପୋର୍ଟ ପ୍ରଦାନ ପାଇଁ କୌଣସି ନିର୍ଦ୍ଦେଶନାମା ସରକାରଙ୍କର ଅଛି କି, ଆବେଦନ ଜମିର ସୀମା ନିର୍ଦ୍ଧାରଣ ସମୟରେ Boundary tenant ମାନେ ନିର୍ମାଣ କାର୍ଯ୍ୟ ସାରିଥିଲେ ସେମାନଙ୍କ ଜମିର ଲମ୍ୱ, ପ୍ରସ୍ଥ ଓ ଏରିଆକୁ ସୁନିଶ୍ଚିତ କରି ସମ୍ପୃକ୍ତ ରାଜସ୍ୱ କର୍ମଚାରୀ ତାଙ୍କ ରିପୋର୍ଟରେ ନଦର୍ଶାଇଲେ ଆବେଦନକାରୀଙ୍କ ଜମି ସହ ସମସ୍ତ Boundary tenantଙ୍କର ଲମ୍ୱ, ପ୍ରସ୍ଥ ଓ ଏରିଆରେ କେତେ କମ/ବେଶୀ ଅଛି ତାହା ଜଣା ପଡିବକି ସରକାରଙ୍କର ସୀମା ନିର୍ଦ୍ଧାରଣ ସମୟରେ କେବଳ ଏରିଆ ନଦର୍ଶାଇ ଲମ୍ୱ ଓ ପ୍ରସ୍ଥ ଉଲ୍ଲଖ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ କି ?

----

## ଦୈତାରୀ ପାହାଡରୁ ଦୁର୍ମୁଲ୍ୟ ନୀଳ ପଥର ବାହାର ରାଜ୍ୟକୁ ରପ୍ତାନୀ

5641 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦୈତାରୀ ପାହାଡ ଓ ମହାଗିରି ଆଜି ପାହଡରୁ ଦୁର୍ମୁଲ୍ୟ ନୀଳ ପଥର ସହ ବିଭିନ୍ନ ଓ ଓଜନ ଓ ଉଚ୍ଚତାର ନାନାଦି ଦେବାଦେବୀଙ୍କ ମୂର୍ତ୍ତି ରାଜ୍ୟ ତଥା ଦଶ ବାହାରକୁ ଚୋରାରେ ରପ୍ତାନୀ ହୋଉଥିବା ସରକାର ଜଣାନ୍ତି କି ଏହି ଚୋରା ଚାଲାଣ ଓ କାରବାର ରୋକିବା ଦିଗରେ ସରକାର କେବେଠାରୁ କି ପ୍ରକାର ପଦକ୍ଷେପ ନେଇଛନ୍ତି ?

----

## ବିସ୍ଥାପନ ଥଇଥାନ ନୀତି

5642 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ବିସ୍ଥାପନ ଥଇଥାନ ନୀତି କଣ ଅଛି, ଗତ 5 ବର୍ଷ ଭିତରେ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେଉଁ କାରଣ ପାଇଁ କେତେ ଲୋକ ବିସ୍ଥାପନ ହୋଇଛନ୍ତି ଓ ସେମାନଙ୍କୁ କି ପ୍ରକାର ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ମିଳିଛି ଜିଲ୍ଲାୱାରୀ ତଥ୍ୟ ଉପସ୍ଥାପନ କରିବେ କି ?

----

## ଓଡିଶାରେ ନୂତନ ଡ୍ୟାମ ନିର୍ମାଣ ପାଇଁ ପ୍ରସ୍ତାବ

5643 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେତୋଟି ନୂଆ ଡ୍ୟାମ ଓଡିଶାରେ କରିବାକୁ ସରକାର ଚିନ୍ତା କରିଛନ୍ତି?

----

## ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ

5644 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଂଜାମ ଜିଲ୍ଲାରେ ଲଗାଣ ବର୍ଷା, ପବନ, ତୋଫାନ, ବାତ୍ୟା, ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ; ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଘରବାରି ଗ୍ରାମଖଣ୍ଡକ, ବସୁନ୍ଧରା ଯୋଜନାରେ ପଟ୍ଟା ଦୁଇ ବର୍ଷ ମଧ୍ୟରେ କେତେ ଜଣଙ୍କୁ ପଟ୍ଟା ବଣ୍ଟନ ହୋଇଛି?

----

## ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପ୍ରାଣହାନି

5645 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଦୁଇବର୍ଷ ମଧ୍ୟରେ କେତେଜଣଙ୍କ ପ୍ରାଣ ହାନି ଘଟିଛି ; କ୍ଷତି ପୂରଣ ବାବଦକୁ ରାଜ୍ୟ ସରକାର କେତେ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ ; ବର୍ତ୍ତମାନ ସୁଦ୍ଧା କେତେ ମୃତକ ପରିବାର ଏହି ସହାୟତା ରାଶିରୁ ବଞ୍ଚିତ ଅଛନ୍ତି ; ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ରାଜ୍ୟ ସରକାର ଘୋଷଣା କରିଥିବା ସହାୟତା ରାଶି କେତେ ଦିନ ମଧ୍ୟରେ ପୀଡିତ ପରିବାର ପାଇବାର ନିୟମ ରହିଛି ଓ ବିଳମ୍ବିତ ସହାୟତାର କାରଣ କଣ ତାହା ସ୍ପଷ୍ଟ କରିବେ କି?

----

## ମାଟିତଳ ଜଳସ୍ତର ହ୍ରାସ

5646 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମାଟିତଳ ଜଳସ୍ତର କ୍ରମେ କମିଯାଉଥିବାବେଳେ ଜଳସ୍ତର ସ୍ଥିର ରଖାଯିବା ଓ Recharge କେଉଁ ଉପାୟରେ କରାଯିବ ସେ ସମ୍ପର୍କରେ ସରକାର ବୌଜ୍ଞାନିକ ପଦ୍ଧତି କିମ୍ବା କୌଶଳ ଅବଲମ୍ବନର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## Irrigation Project under Sandul Barrage

5647 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The Cabinet approved Rs.154.72 crore pipeline irrigation project under Sandul Barrage covering 5,000 hectares in Kalahandi district, what is the current implementation status, contractor details and physical progress achieved as of February 2026 ?

----

## RoR and land mutation cases have been digitised

5648 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What percentage of Record of Rights (RoR) and land mutation cases have been digitised under the Bhulekh system of January, 2026, and how many mutation applications

remain pending beyond the mandated timeline?

----

**ବନ୍ୟା ନିୟନ୍ତ୍ରଣ ଓ ଜଳ ସଂରକ୍ଷଣ**

5649 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜଳସମ୍ପଦ ବିଭାଗ ଦ୍ୱାରା ସିଚାଇ, ବନ୍ୟା ନିୟନ୍ତ୍ରଣ ଓ ଜଳ ସଂରକ୍ଷଣ କ୍ଷେତ୍ରରେ ଗତ କିଛି ବର୍ଷରେ ଗ୍ରହୀତ ପଦକ୍ଷେପମାନଙ୍କ ଫଳରେ ସାଧାରଣ ଲୋକ ଓ ଚାଷୀମାନେ କେତେଦୂର ଉପକୃତ ହୋଇଛନ୍ତି, ରାଜ୍ୟରେ ଶିଳ୍ପ ଉନ୍ନୟନକୁ ଦୃଷ୍ଟିରେ ରଖି ଶିଳ୍ପ ସଂସ୍ଥାମାନଙ୍କୁ ଜଳ ଯୋଗାଣ ପାଇଁ କେଉଁ ନୀତି ଅନୁସରଣ କରାଯାଉଛି, ଶିଳ୍ପ ଯୋଗାଯାଉଥିବା ଜଳ କୃଷି ଓ ପାନୀୟ ଜଳ ଉପଲବ୍ଧତାରେ କୌଣସି ଅସମତା ସୃଷ୍ଟି ହୋଇଛି କି, ଯଦି ହୋଇଥାଏ, ତେବେ ସାଧାରଣ ଜନସାଧାରଣ ଓ ଶିଳ୍ପ ମଧ୍ୟରେ ଜଳ ବଣ୍ଟନର ସମତା ରକ୍ଷା ପାଇଁ ସରକାର କୌଣସି ସଂଶୋଧିତ ନୀତି ଗ୍ରହଣ କରିବାକୁ ବିଚାର କରୁଛନ୍ତି କି ?

----

**Recent tender the price of 40% chrome ore sold**

5650 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Government is aware that in recent tenders the price of -40% Cr2O3 chrome ore sold by Odisha Mining Corporation has remained almost static, while prices of higher-grade chrome ore have increased significantly in line with market demand; (b) Whether the Government has assessed the financial impact of such static pricing and the extent of revenue loss caused to the State exchequer; Whether any enquiry has been initiated to examine the pricing methodology, tender process and 'possible cartelisation in the auction of -40% chrome ore; and What corrective measures the Government proposes to adopt to ensure transparent, market-linked pricing and protection of public revenue ?

----

**କେନାଲର ପୁନଃରୁଦ୍ଧାର ଓ Lining କାର୍ଯ୍ୟ କରିବା**

5651 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସାଳନ୍ଦୀ ନଦୀରୁ ବାହାରି ଥିବା ଦଶମୌଜା ଓ ଗୋପାଳିଆ କେନାଲ ସଂପୂର୍ଣ୍ଣ ରୂପେ ପୋତି ହୋଇଯାଇଛି ଓ ଏହାର ପୁନଃରୁଦ୍ଧାର ଏବଂ Lining କାର୍ଯ୍ୟ କରିବା ପାଇଁ ସରକାର ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି କି, ଯଦି ହଁ, ତେବେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି ?

----

## କନ୍ଧମାଳ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସଂଖ୍ୟା ବୃଦ୍ଧି

5652 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ ବଢୁଥିବା ଜନସଂଖ୍ୟା ଓ ଜନ ବସତି ତଥା ରାଜସ୍ୱ ବିଭାଗର ପରିଧିକୁ ଲକ୍ଷ୍ୟ କରି ଜିଲ୍ଲାରେ ରାଜସ୍ୱ ନିରୀକ୍ଷକଙ୍କ ସଂଖ୍ୟା ୭୬ରୁ ୮୧କୁ ବୃଦ୍ଧି କରିବା ପାଇଁ ୨୦୨୧ ମସିହାରେ ପ୍ରସ୍ତାବ ଆସିଥିଲେ ମଧ୍ୟ ଆଜିସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରିନଥିବାର କାରଣ କଣ, ଏଥିପାଇଁ ସାଧାରଣ ଲୋକକୁ ନିଜର ଜରୁରୀ କାର୍ଯ୍ୟ କରିବା ପାଇଁ ଘାଟି, ପାହାଡ ଡେଇଁ ପ୍ରାୟ ୧୦/୧୫ କିଲୋମିଟର ରାସ୍ତା ଅତିକ୍ରମ କରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି, କନ୍ଧମାଳ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସଂଖ୍ୟା ବୃଦ୍ଧି କରିବା ପାଇଁ ଥିବା ପ୍ରସ୍ତାବର ବର୍ତ୍ତମାନର ସ୍ଥିତି କଣ ଏବଂ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## River Bank Stabilization

5653 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The present status of the Mahanadi Riverfront Development Project at Cuttack, in reference to Un- Starred Question No. 2312 dated 10.03.2026 answered in the Housing & Urban Development Department (b) The details of River Bank stabilization and protection works proposed to be undertaken by the Water Resources Department under the said project; Whether any Technical studies, DPR preparation or tendering process has been initiated by the Department; and the timeline fixed for commencement and completion of the Riverbank stabilization works under project ?

----

## ଖଜଣା ପ୍ରାପ୍ତ ସମ୍ପର୍କରେ

5654 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ସରକାରୀ ନିର୍ମାଣ କାର୍ଯ୍ୟ ପାଇଁ କେଉଁ ସ୍ଥାନରେ ସମୂହିକ ଭାବେ ବାଲି ଓ ପଥର /କ୍ରଶର ପାଇଁ ଖଣି ଓ ଜମି କେଉଁ ସଂସ୍ଥା/ଠିକାଦାରଙ୍କୁ ପ୍ରଦାନ କରାଯାଇଛି; ବାର୍ଷିକ ଭାବେ କେତେ ଖଜଣା ପ୍ରାପ୍ତ ହୋଇଛି, ପ୍ରକାଶ କରିବେ କି ; ଉଦ୍ଦେଶ୍ୟରେ ଲିଜ ନେଇଥିବା ସଂସ୍ଥା/ଠିକାଦାର କାର୍ଯ୍ୟ ଶେଷ ହେବାପରେ କେତେ ଜଣଙ୍କଠାରୁ ଲିଜ ସରକାରୀ ସମ୍ପତ୍ତିକୁ ସରକାର ନିଜ ଅଧିନକୁ ନେଇଛନ୍ତି ?

----

## Check Dam ନିର୍ମାଣ

5655 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଷମକଟକ ନିର୍ବାଚନ ମଣ୍ଡଳୀରେ କେତେ କପିକୁ MIP/ ଚେକଡେମ୍ (Minor Irrigation Project)ଦ୍ୱାରା ଜଳ ସେଚିତ ହୋଉଛି ପ୍ରକଳ୍ପୱାରୀ ତଥ୍ୟ ପ୍ରଦାନ କରିବା ସହ ଓ ଏହାଦ୍ୱାରା ଉପକୃତ GP ଓ ଚାଷୀଙ୍କ ବିବରଣୀ ପ୍ରଦାନ କରିବେ କି, କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ କେତେ ସ୍ଥାନରେ Check Dan ଭାଙ୍ଗି ଖରାପ ରହିଛି ଓ କେତେ ପୁନରୁଦ୍ଧାର କରାଯାଇଛି ଏବଂ କେତେ କରାଯିବା ପାଇଁ ପ୍ରସ୍ତାବ ରଖିଛନ୍ତି ପ୍ରକାଶ କରିବେ କି; ନୂଆ Check Dam ନିର୍ମାଣ ପାଇଁ କେତୋଟି ପ୍ରସ୍ତାବ ରହିଛି ?

----

## ଆବେଦନ ପତ୍ର ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ

5656 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶା ସରକାରଙ୍କ ଗେଜେଟ୍ ପ୍ରକାଶ ପାଇଁ ସାଧାରଣ ଲୋକଙ୍କ ନିମନ୍ତେ ଅନଲାଇନ୍ ଗେଜେଟ୍ ପୋର୍ଟାଲ କାର୍ଯ୍ୟକାରୀ କରାଯାଇଛି କି; (ଖ) ଯଦି ହଁ, ତେବେ ଏହି ପୋର୍ଟାଲ ମାଧ୍ୟମରେ ଏପର୍ଯ୍ୟନ୍ତ ବର୍ଷ ଅନୁଯାୟୀ କେତେଟି ଆବେଦନ ପ୍ରାପ୍ତ ହୋଇଛି ଏବଂ ସେଥିରୁ କେତେଟି ଆବେଦନ ନିଷ୍ପତ୍ତି ହୋଇଛି ଓ କେତେଟି ଆବେଦନ ବର୍ତ୍ତମାନ ପେଣ୍ଡିଂ ଅବସ୍ଥାରେ ରହିଛି; ସାଧାରଣ ଲୋକଙ୍କ ଆବେଦନଗୁଡ଼ିକ ମାସ ମାସ ଧରି ପେଣ୍ଡିଂ ରହିବାର କାରଣ କଣ; ଏହି ସେବାକୁ ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସ୍ ଆଇନ ଅନ୍ତର୍ଗତ କରି ସମୟସୀମା ମଧ୍ୟରେ ସେବା ଦେବା ପାଇଁ ସରକାର କିଛି ବିଚାର କରୁଛନ୍ତି କି?

----

## EVC station ସ୍ଥାପନ

5657 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ Electric Vehicle Charging Station ସ୍ଥାପିତ ହୋଇଛି; (ଖ) ରାଜ୍ୟରେ ବର୍ତ୍ତମାନ କେତେ ସଂଖ୍ୟକ Electric Vehicle ଯାନ ନିବନ୍ଧିତ ଅଛି; ଏବଂ ଉକ୍ତ ଇଭି ଯାନଗୁଡ଼ିକୁ ଚାର୍ଜ କରିବା ପାଇଁ ପ୍ରଯାପ୍ତ ଚାର୍ଜିଙ୍ଗ୍ ଷ୍ଟେସନ୍ ସ୍ଥାପନ କରିବାକୁ ସରକାର କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଉଠା ଜଳସେଚନ ପ୍ରକଳ୍ପ ମରାମତି

5658 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ପ୍ରାୟ ୩୫୦ରୁ ଅଧିକ ଉଠା ଜଳସେଚନ ପଏଣ୍ଟ ମଧ୍ୟରୁ ବର୍ତ୍ତମାନ କେତୋଟି କାର୍ଯ୍ୟକ୍ଷମ ଏବଂ କେତୋଟି ଅଚଳ ହୋଇ ପଡ଼ିଛି; ଅଚଳ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକର ମରାମତି ଓ ପୁନରୁଦ୍ଧାର ପାଇଁ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ବ୍ୟୟବରାଦ କରାଯାଇଛି; ମହାନଦୀ କୂଳିଆ ଅଞ୍ଚଳ କୃଷିଜମିକୁ ଜଳସେଚିତ କରିବା ପାଇଁ ପ୍ରସ୍ତାବିତ "ସୌର ଭିତ୍ତିକ ଉଠା ଜଳସେଚନ" ପ୍ରକଳ୍ପର ବର୍ତ୍ତମାନର ସ୍ଥିତି କ'ଣ ଏବଂ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ?

----

## ହୀରାକୁଦ ତଳମୁଣ୍ଡରେ ଦ୍ୱିତୀୟ ନଦୀଜଳ ପାଇଁ ପ୍ରସ୍ତାବ

5659 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମହାନଦୀର ଉପରମୁଣ୍ଡରେ ହୀରାକୁଦ ପରେ ତଳମୁଣ୍ଡରେ ଦ୍ୱିତୀୟ ନଦୀବନ୍ଧର ଆବଶ୍ୟକତା ଅଛି କି, ଯଦି ଅଛି ତେବେ ଏହି ପ୍ରକଳ୍ପ କେଉଁଠି କରାଯିବ; ସେନେଇ ସରକାର ସ୍ଥାନ ଚିହ୍ନଟ କରିଛନ୍ତି କି, ଯଦି ନାହିଁ ତେବେ ବର୍ଷା ଦିନେ ସମୁଦ୍ରକୁ ବୋହିଯାଉଥିବା ପାଣିର ସଂରକ୍ଷଣ ପାଇଁ ସରକାର କି ଯୋଜନା କରୁଛନ୍ତି ?

----

## ଲଘୁ ଖଣିଜରୁ ରାଜସ୍ୱ ଆଦାୟ

5660 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଆର୍ଥିକ ବର୍ଷ ୨୦୨୦ ମସିହା ଠାରୁ ଆଜି ସୁଦ୍ଧା ରାଜ୍ୟରେ ଲଘୁ ଖଣିଜ ପଦାର୍ଥ ବାଲି, ମୋରମ, ପଥର, ମାଟି ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥରୁ ସରକାର କେତେ ଫି' (Royalty) ବାବଦରେ ରାଜସ୍ୱ ସଂଗ୍ରହ କରିଛନ୍ତି; କେତେ ଘନ ମିଟର କିମ୍ବା କେତେ ମେଟ୍ରିକ ଟନ ଉତ୍ତୋଳନ କରାଯାଇଛି, ଏହି ବର୍ଷ ମାନଙ୍କରେ ଲଘୁ ଖଣିଜ ପଦାର୍ଥର ଚୋରା କାରବାର ବାବଦରେ ଜରିମାନା ବାବଦକୁ କେତେ ରାଜସ୍ୱ ଆଦାୟ କରିଛନ୍ତି, କେତେ ସଂଖ୍ୟାକ ଗାଡି ଜବତ ହୋଇଛି ଓ କେତେ ଜଣକୁ ଗିରଫ କରାଯାଇଛି ଆର୍ଥିକ ବର୍ଷୱାରୀ, ଜିଲ୍ଲା ଏବଂ ତହସିଲୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ରାୟଗଡା ନିର୍ବାଚନ ମଣ୍ଡଳୀରେ ଥିବା ତହସିଲ ମାନଙ୍କରେ ବାଲି, ମୋରମ, ପଥର, ମାଟି ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥର କେତୋଟି ସକ୍ରିୟ ଉତ୍ସ ରହିଛି ଏବଂ କେତୋଟି ନିଷ୍କ୍ରିୟ ଉତ୍ସ ରହିଛି; ଏହି ଉତ୍ସ ଗୁଡିକରୁ ଗତ ୨୦୨୦ ଠାରୁ ଆଜି ପର୍ଯ୍ୟନ୍ତ କେତେ ରାଜସ୍ୱ ଆଦାୟ କରାଯାଇଛି ଓ ଏହି ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣକୁ ରୋକିବା ପାଇଁ କଣ ପଦକ୍ଷେପ ନିଆଯାଇଛି ?

----

## Disaster preparedness Boost

5661 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In light of 13,472 crore allocated to Disaster Management in Budget 2026-27, up from prior years, what specific upgrades to cyclone shelters and early warning systems are planned for Puri-Satyabadi, building on govt's new integrated disaster centre versus previous govt.'s failure to utilise Rs. 2,100 crore in mitigation funds, How has the government rectified previous govt.'s unspent 2,100 crore disaster funds (SDMF/SDRF) that left cyclone/flood-prone Odisha vulnerable and what role will the *5,375 crore Disaster Risk Management Funds play in fortifying Satyabadi against recurrent floods from destroyed water bodies, Can the govt. share progress on 200 crore state-of-the-art disaster hub near Lok

Seva Bhawan for real-time coordination, highlighting how it addresses(previous govt.'s disorganised management exposed in CAG audits, with tailored benefits for Satyabadi's landslide and waterlogging risks ?

----

## ହୀରାକୁଦ ଡ୍ୟାମର ଜଳଧାରଣ କ୍ଷମତା କମି ଯାଉଥିବା

5662 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ହୀରାକୁଦ ଡ୍ୟାମ ର ଜଳ ଧାରଣା କ୍ଷମତା କମି ଯାଉଥିବା ସତ୍ୟ ଅଟେ କି, ଯଦି ହଁ ଏହାର କାରଣ ସବୁ କଣ ଏବଂ ଏହାର ନିରାକରଣ ପାଇଁ ସରକାର କି ପଦକ୍ଷପ ଗ୍ରହଣ କରୁଛନ୍ତି ?

----

## ଆପାର୍ଟମେଣ୍ଟ ର କ୍ରୟ ବିକ୍ରୟ ନିୟମ କୋହଳ

5663 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗଢିଉଠିଥିବା ଆପାର୍ଟମେଣ୍ଟ ଗୁଡିକରେ ନିର୍ମିତ ବିଭିନ୍ନ ଫାଟଗୁଡିକ ସରକାରଙ୍କ ଦ୍ୱାରା କ୍ରୟ ଓ ବିକ୍ରୟ ବନ୍ଦ ହୋଇଯାଇଥିବା ଯୋଗୁଁ ଜନସାଧାରଣ କ୍ରୟ ଓ ବିକ୍ରୟ କରିପାରୁନାହାନ୍ତି ଯଦ୍ୱାରା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଇପାରୁଛନ୍ତି ତେଣୁ ଏହି କ୍ରୟ ବିକ୍ରୟ ନିୟମକୁ କୋହଳ କରି ପୁନଃ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ ଗୁଡିକର କ୍ରୟ ବିକ୍ରୟ ପାଇଁ ନିର୍ଦ୍ଦେଶନାମା ଜାରି କରିବେ କି ?

----

## ଚାଷ ଜମିକୁ ଜଳସେଚନ ସୁବିଧା

5664 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେ ପ୍ରତିଶତ ଚାଷ ଜମିକୁ ଏଯାଏଁ ସ୍ଥାୟୀ ଜଳସେଚନ ସୁବିଧା ଯୋଗାଯାଇ ପାରିଛି ଓ ତାର ଆୟତନ କେତେ ଏବଂ ସେଥିରୁ କେତେ ଜମିରେ ଚାଷୀମାନେ ରବି ଋତୁରେ ଜଳସେଚନର ଉପଯୋଗ କରିବା ସହ ଖରିଫ ଋତୁରେ ମଧ୍ୟ ଆବଶ୍ୟକ ପଡ଼ିଲେ ଜଳସେଚନ ସୁବିଧା ନେଉଛନ୍ତି; ରାଜ୍ୟର କେତେ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ଯୋଗାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି, ବର୍ତ୍ତମାନ ରାଜ୍ୟରେ କେଉଁ କେଉଁ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କେଉଁ ସ୍ଥାନ ଗୁଡିକରେ ନିର୍ମାଣଧୀନ ଅଛି ଓ ତାହାର ଜଳଧାରଣ କ୍ଷମତା କେତେ, ଏହା କେବେ ଆରମ୍ଭ ହୋଇଥିଲା ଓ କେବେ ସମ୍ପୂର୍ଣ୍ଣ ହେବ, ଏହା ଦ୍ୱାରା କେତେ ଜମି ଜଳ ସେଚିତ ହେବ ?

----

## ବାଲେଶ୍ୱର ବ୍ଲକ୍ ଓ ପୌରପାଳିକା କୁ ମଞ୍ଜୁର ହୋଇଥିବା ଅର୍ଥ

5665 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର କେଉଁ ବ୍ଲକ ଓ ପୌରପାଳିକା/ପୌର ପରିଷଦକୁ କେତେ ଟଙ୍କା FDR ସେଥିରୁ ଜଳେଶ୍ୱର ବ୍ଲକ/ ଜଳେଶ୍ୱର ପୌରପାଳିକାକୁ କେତେ ମଞ୍ଜୁର ହୋଇଛି ଏବଂ ସଂସ୍ଥାମାନଙ୍କୁ ଅର୍ଥ ମିଳିଯାଇଛି ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ଗଞ୍ଜାମ ଜିଲ୍ଲାର ଥିବା ବାଲିଘାଟ

5666 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାରେ ବାଲିଘାଟ କେତେ ରହିଛି ମରମ କ୍ୱାରୀ କେତେ ରହିଛି, ବକ୍ସାଇଟ୍ ରହିଛି କେତୋଟି ଲିଜ୍ ଦିଆଯାଇଛି, କେଉଁ କାରଣ ପାଇଁ ଲିଜ୍ ଦିଆହୋଇନି ?

----

## CAD ପାଇଁ ଅନୁଦାନ

5667 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡର କେଉଁ ପାଣି ପଞ୍ଚାୟତକୁ ବିଗତ ଆର୍ଥିକ 5 ବର୍ଷରେ CAD ମରାମତି ବା ନୂତନ CAD ପାଇଁ କେତେ ଟଙ୍କାର ଅନୁଦାନ ଆସିଛି ଏବଂ କେଉଁ ପାଣି ପଞ୍ଚାୟତ ଜରିଆରେ କେତେ K.M. କାଡା ତିଆରି କରାଯାଇଛି ଏଥିରେ କେତେ ଚାଷୀ ଉପକୃତ ହେଉଛନ୍ତି?

----

## ପାଣି ପଞ୍ଚାୟତକୁ ଅନୁଦାନ

5668 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ମୋଟ ପାଣି ପଞ୍ଚାୟତ ସଂଖ୍ୟା କେତେ ; ସେଥିମଧ୍ୟରୁ କେତେଗୋଟି ପାଣି ପଞ୍ଚାୟତ ସକ୍ରିୟ ଅଛି ; ବିଗତ ଆର୍ଥିକ ୩ ବର୍ଷରେ କେଉଁ ପାଣି ପଞ୍ଚାୟତକୁ କେତେ ଟଙ୍କା ଅନୁଦାନ ଆସିଛି ଏବଂ କେଉଁ କେଉଁ କାର୍ଯ୍ୟ କେତେ ଟଙ୍କା ବିନିମୟରେ ହୋଇଛି?

----

## ହଦଗଡ ଡ୍ୟାମର ସୌନ୍ଦର୍ଯ୍ୟକରଣ

5669 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହଦଗଡ ଡ୍ୟାମର ସୌନ୍ଦର୍ଯ୍ୟକରଣ ପାଇଁ ବିଗତ ଆର୍ଥିକ ୩ ବର୍ଷରେ କେତେ ଟଙ୍କା ଅନୁଦାନ ଆସିଛି ଏବଂ କେଉଁ କେଉଁ କାର୍ଯ୍ୟ କେତେ ଟଙ୍କା ବିନିମୟରେ ହୋଇଛି?

----

## ବିବରଣୀ ପ୍ରଦାନ

5670 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବୈତରଣୀ ଜଳସମ୍ପଦ ଡିଭିଜନ ଅଧିନରେ ଥିବା ଛେନାପଦୀ, ଶାଳନିଆଁ ଓ ଆଗରପଡା Sub-Division ର କେତୋଟି ପ୍ରକଳ୍ପ ବିଗତ 5 ବର୍ଷ ମଧ୍ୟରେ ପାଣି ପଞ୍ଚାୟତ ଦ୍ୱାରା Agreement 5 ଲକ୍ଷ ଲେଖାଏଁ ଓ F2 ମାଧ୍ୟମରେ Agreement ହୋଇଛି?

----

## କାର୍ଯ୍ୟାଦେଶ ବଣ୍ଟନ

5671 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବୈତରଣୀ ଜଳସମ୍ପଦ ଡିଭିଜନ ଅଧିନସ୍ଥ ବିଦ୍ୟାଧରପୁର କେନାଲ ଡିଭିଜନରେ ବିଗତ ଆର୍ଥିକ 3 ବର୍ଷ ମଧ୍ୟରେ କେତୋଟି 50,000 ହଜାରରୁ 5,00,000 ଲକ୍ଷ ପର୍ଯ୍ୟନ୍ତ K2, F2, P.I. Award Agreement ହୋଇଅଛି ; କେଉଁ କେଉଁ ପ୍ରକଳ୍ପ ପାଇଁ କେଉଁ କେଉଁ ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ଓ କେତେ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଅଛି?

----

## ଜଳ ନିଷ୍କାସନ କାର୍ଯ୍ୟ

5672 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2025-26 ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ଜଳେଶ୍ୱର/ବସ୍ତା (ଜଳେଶ୍ୱର ନିର୍ବାଚନ ମଣ୍ଡଳୀ) ବ୍ଲକରେ ଜଳ ନିଷ୍କାସନ କାର୍ଯ୍ୟ କେଉଁଠାରେ ପୂର୍ଣ୍ଣାଙ୍ଗ ହୋଇଛି ; କେଉଁଠାରେ କେଉଁ କାର୍ଯ୍ୟ କେତେ ଅଗ୍ରଗତି ହୋଇଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ?

----

## ଚେକ୍ ଡ୍ୟାମ ଅକାମି

5673 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବସ୍ତା ବ୍ଲକ ଅନ୍ତର୍ଗତ କୁଳିଦା (KULIDA) ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର (JAGANNATHPUR) ଗ୍ରାମର ଗୁଡିଖାଳ ନାଳ (GUDIKHAL NALA) ରେ ଚେକ୍ ଡ୍ୟାମ (CHECK DAM) ରେ ବ୍ୟବହୃତ ହୋଇଥିବା ଲୁହାନିର୍ମିତ କବାଟ ବନ୍ଧରେ ଜଳ ବନ୍ଧ ଭିତର ଅଂଶରେ ଜମା ନରହି ବାହାରି ଯାଉଥିବା କାରଣରୁ ଚେକ୍ ଡ୍ୟାମ୍ ଅକାମି ହୋଇଯାଇଥିବା ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ଯାନ୍ତ୍ରୀକ ତୃଟି ହେତୁ ଜଳ ଅଟକିବା ସମସ୍ୟା ସୁଧାର ଆଣି ଜଳସେଚନ କାର୍ଯ୍ୟରେ ବ୍ୟବହାର ସମ୍ପର୍କରେ ସରକାର କଣ ନିର୍ଦ୍ଦେଶ ଦେବେ?

----

## ବନ୍ଦର ନିର୍ମାଣ ପାଇଁ ବ୍ୟୟ ଅଟକଳ

5674 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଆପାଳ ବ୍ଲକ ସ୍ଥିତ ଚୌମୁଖ(CHAUMUKH) ଠାରେ Creative Port Development କମ୍ପାନୀ ଦ୍ୱାରା ବନ୍ଦର ନିର୍ମାଣ ହେବାକୁ ଥିବା ଯୋଜନାର ବ୍ୟୟ ଅଟକଳ କେତେ ଏବଂ କାହାର କେତେ ଅଂଶ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; ନିର୍ମାଣ ସମୟରେ ସରକାର କି ପ୍ରକାର ସମ୍ପୃକ୍ତ ହେବେ ଏବଂ ଦାୟିତ୍ୱ କଣ ହେବ?

----

## OSRTC ପକ୍ଷରୁ ନୂଆ ବସଷ୍ଟାଣ୍ଡ ନିର୍ମାଣ

5675 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ସ୍ଥିତ ଜାତୀୟ ରାଜପଥ ନିକଟରେ OSRTC ପକ୍ଷରୁ ନୂଆ ବସଷ୍ଟାଣ୍ଡ ନିର୍ମାଣ ସକାଶେ Police Housing Corporation ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବେଳେ କାର୍ଯ୍ୟ ଆରମ୍ଭ ହୋଇ ହଠାତ୍ ବନ୍ଦ କରାଯିବା କାରଣ କଣ ; କେଉଁ ସଂସ୍ଥା ନିର୍ମାଣ ଦାୟିତ୍ୱ ନେଇଛନ୍ତି ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସରକାର କଣ ନିର୍ଦ୍ଦେଶ ଦେବେ?

----

## CGF ଅନୁଦାନର ବିନିଯୋଗ

5676 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024-25 ଓ ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାକୁ ସରକାରଙ୍କର ମଂଜୁର ହୋଇଯାଇଥିବା CGF ଅନୁଦାନ ଖର୍ଚ୍ଚ ହୋଇନଥିବା ବେଳେ କେଉଁ ଉପାୟରେ ଏହି ଅର୍ଥ ବିନିଯୋଗ କରାଯିବ ସେଥିପାଇଁ ସରକାର ଜିଲ୍ଲା କର୍ତ୍ତୃପକ୍ଷଙ୍କୁ କଣ ନିର୍ଦ୍ଦେଶ ଦେବେ ଏବଂ ବ୍ୟବସ୍ଥା ଅନୁସାରେ ବିଧାୟକ ମାନଙ୍କଠାରୁ ପ୍ରସ୍ତାବ ଜିଲ୍ଲାପାଳଙ୍କ ଦ୍ୱାରା ଆହ୍ୱାନ କରାଯିବ କି?

----

## ମହାନଦୀ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା

5677 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମହାନଦୀ ପ୍ରସଙ୍ଗରେ ନିକଟରେ ଓଡିଶା ଗସ୍ତ କରିଥିବା କେନ୍ଦ୍ରୀୟ କମିଟି କେଉଁ କେଉଁ ବିଷୟରେ ଆଲୋଚନା କରିଥିଲେ ଓ ଏହି ଆଲୋଚନାର ବିଷୟବସ୍ତୁ କଣ ରହିଥିଲା ; କମିଟିର ସଦସ୍ୟମାନେ ଓଡିଶାର କେଉଁ ଅଧିକାରୀ ଓ ଛତିଶଗଡର କେଉଁ ଅଧିକାରୀମାନଙ୍କ ସହିତ କଣ ସବୁ ଆଲୋଚନା କରିଥିଲେ ; ଏହି ଗସ୍ତରୁ ଓଡିଶାକୁ କେତେ ସୁଫଳ ମିଳିବାର ଆଶା ରହିଛି ତାହା ଉଲ୍ଲେଖ କରିବେ କି?

----

## ବିଦ୍ୟୁତ୍ ଯାନ ଖରିଦ କରିବା ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା

5678 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ କର୍ମଚାରୀମାନେ ବିଦ୍ୟୁତ୍ ଯାନ(ଇଭି) ଖରିଦ କରିବା ପାଇଁ କଣ ସବୁ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି ଏବଂ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ସରକାରୀ କର୍ମଚାରୀ ଇଭି ଖରିଦ ପାଇଁ ଏହି ସୁବିଧା ପାଇଛନ୍ତି ; ସରକାରଙ୍କ ଠାରୁ ସୁଧ ଛାଡ ସୁବିଧା ନେଇଥିବା କେତେଜଣ କର୍ମଚାରୀ ଇଭି କିଣିଛନ୍ତି ଓ କେତେ ଜଣ କିଣି ନାହାନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି?

----

## ସୋସିଆଲ ମିଡିଆ ପରିଚାଳନା ପାଇଁ ଦର ଧାର୍ଯ୍ୟ

5679 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରୀ ବିଭାଗ ଗୁଡିକରେ ସୋସିଆଲ ମିଡିଆ ପରିଚାଳନା ପାଇଁ କୌଣସି ଦର ଧାର୍ଯ୍ୟ ହୋଇଛି କି ; ଯଦି ହଁ, ତେବେ କେତେ ଦର ଧାର୍ଯ୍ୟ ହୋଇଛି ତାହା ବିସ୍ତୃତ ଭାବେ ପ୍ରଦାନ କରିବେ କି ; ଯଦି ନାଁ, ତେବେ ସରକାରୀ ବିଭାଗଗୁଡିକ ସୋସିଆଲ ମିଡିଆର ବ୍ୟବହାର ପାଇଁ ଘରୋଇ ସଂସ୍ଥା ନିୟୋଜିତ କରୁଥିବାରୁ ଏହାର ପରିଚାଳନା ପାଇଁ ବିଜ୍ଞାପନ ଭଳି ଦର ଧାର୍ଯ୍ୟ କରିବେ କି?

----

## ବନ୍ଦର ପ୍ରତିଷ୍ଠା ପାଇଁ ରାଜିନାମା ସ୍ୱାକ୍ଷର

5680 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଉପକୂଳରେ ବନ୍ଦର ପ୍ରତିଷ୍ଠା ପାଇଁ କେଉଁ କେଉଁ ସଂସ୍ଥା ସହିତ କେବେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ; ରାଜିନାମା ହୋଇଥିବା ବନ୍ଦର ଗୁଡିକର ବର୍ତ୍ତମାନର ସ୍ଥିତି କଣ ରହିଛି ; ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ସଂସ୍ଥା ରାଜିନାମାରୁ ଓହରି ଯାଇଛନ୍ତି ଓ ଓହରିଯିବାର କାରଣ କଣ?

----

## ମହଜୁଦଥିବା ଖଣିଜ ସମ୍ପଦର ପରିମାଣ

5681 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କେଉଁ କେଉଁ ଖଣିଜ ସମ୍ପଦ କେତେ ପରିମାଣରେ ମହଜୁଦ ରହିଛି ; ଏହିସବୁ ଖଣିଜ ସମ୍ପଦ ମଧ୍ୟରୁ ବାର୍ଷିକ କେତେ ଉତ୍ତୋଳନ ହେଉଛି ଓ କେତେ ପରିମାଣର ଖଣିଜ ସମ୍ପଦ ଜିଲ୍ଲାରେ ଥିବା କେଉଁ କେଉଁ କାରଖାନାରେ ବ୍ୟବହାର ହେଉଛି?

----

## Sand Quarry ଉତ୍ତୋଳନ

5682 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର ବରୀ, ଧର୍ମଶାଳା ଓ ରସୁଲପୁର ତହସିଲ ଅଧିନରେ କେତୋଟି Sand Quarry ରହିଛି ; ସେଥିମଧ୍ୟରୁ ବର୍ତ୍ତମାନ କେତୋଟି ଚାଲୁଅଛି ଓ ସେଗୁଡିକ ବର୍ଷକୁ କେତେ ଉତ୍ତୋଳନ କରିବାର କ୍ଷମତା ରହିଛି ଏବଂ ସେଥିମଧ୍ୟରୁ କେଉଁଗୁଡିକ Machine ସାହାଯ୍ୟରେ Loading ପାଇଁ ଅନୁମତି ଦିଆଯାଇଛି?

----

**Stone Quarry ର ତଥ୍ୟ ପ୍ରଦାନ**

5683 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର କେଉଁ ତହସିଲରେ କେତୋଟି Black Sand Quarry ଅଛି ; ସେଥିମଧ୍ୟରୁ ବର୍ତ୍ତମାନ କେତୋଟି ଚାଲୁଅଛି ଏବଂ ଚାଲୁଥିବା Quarry ଗୁଡିକର ବର୍ଷକୁ କେତେ Cubic Meter ଖୋଳିବା ପାଇଁ ଅନୁମତି ଦିଆଯାଇଛି ଏବଂ ତାର Per Cubic Meter Rate କେତେ ଅଛି?

----

**Minor mineral ଚୋରୀ ସମ୍ପର୍କରେ**

5684 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ Minor Mineral ଚୋରି ତଥା Illegal Mining ଓ Illegal Transport ରୋକିବାକୁ Police କୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି ନା Police ଚଢାଉ ବେଳେ Mining Officer ବା DDM କୁ ସାଙ୍ଗରେ ନେଇ ଯିବା ଆବଶ୍ୟକ ବୋଲି କୁହାଯାଇଛି?

----

**Penalty ଆଦାୟ ସମ୍ପର୍କରେ**

5685 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରିରୁ ଗତ 01.06.2022 ରୁ 31.12.2023 ଏବଂ 01.06.2024 ରୁ 31.12.2025 ମଧ୍ୟରେ କେଉଁ ତହସିଲରୁ କେତେ ଗାଡି Seize ହୋଇଥିଲା ଓ କେତେ Penalty ଆଦାୟ ହୋଇଥିଲା?

----

**ଋଷିକୂଲ୍ୟା ଗ୍ରାମରେ ନଦୀବନ୍ଧ ନିର୍ମାଣ**

5686 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଧପୁର, ପୋଟଳମପୁର ଗ୍ରାମ ଋଷିକୂଲ୍ୟା ନଦୀ ଡାହାଣ ପାର୍ଶ୍ୱରେ ଅବସ୍ଥିତ ; ନଦୀବନ୍ଧ ନଥିବା ଯୋଗୁଁ ପ୍ରତିବର୍ଷ ଋଷିକୂଲ୍ୟା ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ବହୁଧନ, ଜୀବନକୁ ନଷ୍ଟ କରୁଛି ; ତେଣୁ ଉକ୍ତ ଗ୍ରାମରେ ନଦୀବନ୍ଧ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ; ଛତ୍ରପୁର ନିର୍ବାଚନ ମଣ୍ଡଳୀ ଗଂଜାମ ଜିଲ୍ଲାରେ ଥିବା ସମସ୍ତ ଜଳସେଚନ ପ୍ରକଳ୍ପ ତଳମୁଣ୍ଡରେ ରହିଛି ; ଏଣୁ ଚାଷୀମାନେ ଆବଶ୍ୟକୀୟ ଜଳ ପାଇପାରୁନାହାନ୍ତି ; ଏଣୁ ଉପରି ମୁଣ୍ଡରେ ଅନ୍ତରାଗାଁ ନିକଟରେ ପ୍ରସ୍ତାବିତ ହୀରାଧରବାଟି ବ୍ୟାରେଜ, ଜନିଭିଲି ବ୍ୟାରେଜ ନିର୍ମାଣ କରିବେ କି?

----

## ଜୟ ମଙ୍ଗଳ ଜଳସେଚନ କେନାଲର ପୁନରୁଦ୍ଧାର

5687 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର )ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ଜୟ ମଙ୍ଗଳ ଜଳସେଚନ କେନାଲର ପୁନରୁଦ୍ଧାର କାର୍ଯ୍ୟ ମନ୍ଥର ଗତିରେ ଚାଲୁଅଛି, ତାହା ଶିଘ୍ର କିପରି ଶେଷ ହେବ, ସେଥିପ୍ରତି ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ତଳ ମୁଣ୍ଡର ବାଦ ପଡିଥିବା ପ୍ରକଳ୍ପ ପାଇଁ କିଛି ଅଧିକ ଟଙ୍କା ମଞ୍ଜୁର କରିବା ପାଇଁ ପଦକ୍ଷେପ ନେବେ କି, ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କେତେ ଜଳ ସେଚିତ ଓ ଅଣ ଜଳସେଚିତ ଜମି ଅଛି ଏବଂ ଅଣ ଜଳସେଚିତ ଜମି ପାଇଁ ମେଗା ଲିଫ୍ଟ ଓ ଲିଫ୍ଟ ଇରିଗେସନ୍ ମାଧ୍ୟମରେ କ'ଣ ବ୍ୟବସ୍ଥା କରାଯାଇଅଛି ?

----

## ସମୁଦ୍ର କୂଳ ଖାଇଯାଉଥିବା ସମ୍ପର୍କରେ

5688 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର )ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମୁଦ୍ର କୂଳିଆ ଗ୍ରାମ ସାନ ଆର୍ଯ୍ୟପଲ୍ଲୀ ନିକଟରେ ସମୁଦ୍ର କୂଳ ଖାଇ ଗ୍ରାମ ବିପଦରେ ଅଛି, ଏଥିପାଇଁ ଜଳ ସମ୍ପଦ ବିଭାଗ ଓ ଗୋପାଳପୁର ପୋର୍ଟ ଟ୍ରଷ୍ଟ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଅଛି ?

----

## ନୂତନ ଜଳସେଚନ ପ୍ରକଳ୍ପ

5689 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର )ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗଞ୍ଜାମ ବ୍ଲକ୍ ଏବଂ ଗଞ୍ଜାମ ଏନ.ଏ.ସି. ଅଞ୍ଚଳ ନୂତନ ଜଳ ସେଚନ ପ୍ରକଳ୍ପ ନୂତନ କେନାଲ ହେବ ନେଇ କିଛି ପ୍ରସ୍ତାବ ଅଛି କି, ଯଦି ଅଛି ତାର ସ୍ଥିତି ବର୍ତ୍ତମାନ କଣ, ଏହାର କାର୍ଯ୍ୟକାରୀ କେବେ ହେବ, ଗଞ୍ଜାମ ବ୍ଲକ୍ ଗାଳିବନ୍ଧ ପଞ୍ଚାୟତ ବିଞ୍ଚଳାପଲ୍ଲୀ ଠାରୁ ପାଳିବନ୍ଧକୁ ସଂଯୋଗ କରୁଥିବା ନାଳର ପୁନଃ ଉଦ୍ଧାର ପାଇଁ ବର୍ତ୍ତମାନ ପ୍ରସ୍ତାବ ଅଛି କି, ଗତ ସରକାର ସମୟରେ ଏହାର କାର୍ଯ୍ୟ ଟେଣ୍ଡର ହୋଇ ଠିକାଦାର କାର୍ଯ୍ୟ ନକରି ଫେରିଯିବା ସତ୍ୟ କି ?

----

## ଚେକଡ୍ୟାମ୍ ନିର୍ମାଣ ପାଇଁ ପ୍ରସ୍ତାବ

5690 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପ୍ରସ୍ତାବିତ ନାଳ ଉପର ମୁଣ୍ଡରେ କ୍ଷୁଦ୍ର ଜଳସେଚନ ବିଭାଗ ଚେକ୍ ଡ୍ୟାମ୍ କରିବା ପ୍ରସ୍ତାବ ଅଛି କି, ବର୍ତ୍ତମାନ ସ୍ଥିତି କଣ, ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ମେଗା ଉଠାଜଳସେଚନ ପ୍ରକଳ୍ପ ପ୍ରସ୍ତାବ କ'ଣ ରହିଛି, ଏହାର ସ୍ଥିତି କ'ଣ, କରାତଳି ଡାମ୍ପରା ପୁନଃ ଉଦ୍ଧାର ପ୍ରସ୍ତାବ ଅଛି କି, ଏହି ପ୍ରକଳ୍ପକୁ ଜବର ଦଖଲ କରି ରଖାଯାଇଛି, ଏହାର ଜବର ଦଖଲ ଉଚ୍ଛେଦ କରିବା ପାଇଁ ପ୍ରସ୍ତାବ ଅଛି କି ?

----

## କଟକ ଜିଲ୍ଲାରେ ଆଡିବନ୍ଧ ନିର୍ମାଣ

5691 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ କଟକ ଜିଲ୍ଲାରେ କେତୋଟି ଆଡିବନ୍ଧ ପୂର୍ଣ୍ଣାଙ୍ଗ ହୋଇଛି, ନିର୍ମାଣାଧୀନ ଅଛି ଓ ଆସନ୍ତା ବର୍ଷ କେତୋଟି ଆଡିବନ୍ଧ ନିର୍ମାଣ ପାଇଁ ପ୍ରସ୍ତାବ ଅଛି ?

----

## ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ

5692 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଖବରକାଗଜ ସହିତ କ୍ଷୁଦ୍ର, ମଧ୍ୟମ ଖବରକାଗଜ, ବୈଦ୍ୟୁତିକ ଗଣ ମାଧ୍ୟମ ଓ ୱେବ ଚାନେଲରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପଞ୍ଜିକରଣ କରି ସେମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗାଡି ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ

5693 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେତେଜଣ ଭାରୀଯାନ, ଲଘୁଯାନ ଗାଡି ଚାଳକମାନଙ୍କ ସହିତ କେତେ ଜଣ ବାଇକ୍/ ସ୍କୁଟର ଚାଳକ ମାନଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି, ବ୍ୟବସାୟିକ ଓ ଘରୋଇ ଗାଡି ଚାଳକମାନଙ୍କ ସହିତ ଅଟୋରିକସା ଗାଡିଚାଳକମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖଣିଜ ସମ୍ପଦ କ୍ରସର ପ୍ରତିଷ୍ଠା

5694 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଗୋଟି ଖଣିଜ ସମ୍ପଦ କ୍ରସର ପ୍ରତିଷ୍ଠା ହୋଇଛି, ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସହିତ ସେମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜୋରିମାନା ଆଦାୟ ସମ୍ପର୍କରେ

5695 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସୂଚନା ଅଧିକାର ଆଇନ ଅନୁଯାୟୀ ଠିକଣା ସମୟରେ ସୂଚନା ପ୍ରଦାନରେ ଅସମର୍ଥ କେତେ ଜଣ ଅଧିକାରୀ ଓ କର୍ମଚାରୀଙ୍କଠାରୁ ବିଗତ ତିନି ବର୍ଷରେ କେତେ ଜୋରିମାନା ଆଦାୟ ହୋଇଛି ?

----

## ଭୂତଳ ଜଳ ଦୂଷିତ

5696 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତୋଟି ଗ୍ରାମରେ ଭୂତଳ ଜଳ କେଉଁ କେଉଁ କାରଣରୁ ଦୂଷିତ ବା ସଂକ୍ରମିତ ଏବଂ ତଦ୍ୱାରା କି ସମସ୍ୟା, ଯଥା ସ୍ୱାସ୍ଥ୍ୟଗତ ଓ ଅନ୍ୟାନ୍ୟ ଅସୁବିଧା ପରିଲକ୍ଷିତ ହେଉଛି, ଏବଂ ତଦ୍ୱାରା କେତୋଟି ଗାଁରେ ଲୋକେ ଗାଁ ଛାଡି ବାହାରକୁ ଚାଲି ଗଲେଣି ଏବଂ ସେହି ସମସ୍ୟାର ପ୍ରତିକାର ପାଇଁ କ'ଣ କରାଯାଇଛି ?

----

## ଇନ୍ଧନ ସୁବିଧା ପ୍ରଦାନ

5697 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଇ-ଯାନ, CNG ଯାନ ବ୍ୟବହାର ବଢୁଛି କି, ଉତ୍ତର ହଁ ହୋଇଥିଲେ, ଏହି ବୃଦ୍ଧିହାର କେତେ ଓ ଜାତୀୟ ହାର ତଥା ଅନ୍ୟ ରାଜ୍ୟଠାରୁ ଏହା କେତେ ଭିନ୍ନ ଏବଂ ଏପରି ଯାନ ବ୍ୟବହାରୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପ୍ରୋତ୍ସାହନ ଦେଉଛନ୍ତି କି ଏବଂ ଉତ୍ତର ହଁ ହୋଇଥିଲେ, ତାହା କ'ଣ ଓ କେତେ ଜଣଙ୍କୁ କି ସୁବିଧା ଦିଆଗଲାଣି, ରାଜ୍ୟରେ ଥିବା ଯାନବାହାନ ଗୁଡିକ ମଧ୍ୟରୁ ପେଟ୍ରୋଲ ଓ ଡିଜେଲ, ଇ-ଯାନ, CNG ଓ ଅନ୍ୟ ଇନ୍ଧନ ସୁବିଧା ଥିବା ଯାନ ସଂଖ୍ୟା ଓ ପ୍ରତିଶତ ହାର କେତେ, ଏବଂ ଜାତୀୟ ହାର ତଥା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା କେଉଁ ସ୍ଥିତିରେ ରହିଛି, ରାଜ୍ୟର ଯାନଗୁଡିକର ଇନ୍ଧନ ସୁବିଧା ପାଇଁ କେତୋଟି ପେଟ୍ରୋଲ, ଡିଜେଲ ଟାଙ୍କୀ, CNG Gas କେନ୍ଦ୍ର ଓ ବିଦ୍ୟୁତ୍ ସଂଯୋଗ କେନ୍ଦ୍ର ରହିଛି ?

----

## ବାଲିର ଚାହିଦା

5698 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ଷକୁ ବିଭିନ୍ନ କାମ ପାଇଁ ଆବଶ୍ୟକ ହେଉଥିବା ବାଲିର ଚାହିଦା କେତେ ଓ ସେ ସବୁର ବାର୍ଷିକ ଚାହିଦା ବୃଦ୍ଧିହାର କେତେ, ଏବଂ ଚଳିତ ଆର୍ଥିକ ବର୍ଷକୁ ମିଶାଇ ଏଯାଏଁ ପ୍ରତିବର୍ଷ ରାଜ୍ୟରୁ କେତେ ବାଲି କେଉଁ ପଦ୍ଧତିରେ ଉତ୍କଳନ କରାଗଲାଣି ଓ ସେଥିଲାଗି କେତୋଟି ବାଲିଘାଟ ଚାଲୁଛି, ଏବଂ ସେଥିରୁ ରାଜ୍ୟ ସରକାର କେତେ ରାଜସ୍ୱ ପାଇଛନ୍ତି, ବାଲିଘାଟ ପାଇଥିବା ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କ ନାମ, ବାଲିଘାଟ, ଇଲାକା ଓ ସେମାନେ ସରକାରଙ୍କୁ ଏ ବାବଦରେ କେଉଁ ପଦ୍ଧତିରେ କେତେ ଅର୍ଥ ଦେଇଛନ୍ତି ?

----

## ନଦୀ ପୁନଃଉଦ୍ଧାର

5699 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ନଦୀ, ଉପନଦୀ ଓ ଶାଖାନଦୀ ଓ ନାଳ ରହିଛି ଏବଂ ସେସବୁର ଦୈର୍ଘ୍ୟ କେତେ ରାଜ୍ୟରେ କେତୋଟି ମୃତ ନଦୀ, ନାଳ ରହିଛି ଓ କେତୋଟି ନଦୀ ନାଳ ପୋତି ହୋଇଯାଉଛି ଏବଂ ମୃତ ଅବସ୍ଥାକୁ ଯାଉଛି, ସେ ସବୁର ପୁନଃ ଉଦ୍ଧାର ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ବନ୍ଦର ଗୁଡିକର କ୍ଷମତା

5700 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଲୁଥିବା ବନ୍ଦର ଗୁଡିକର କ୍ଷମତା କେତେ ଓ ସେ ସବୁର ସଂପ୍ରସାରଣ ପାଇଁ କୌଣସି ପ୍ରସ୍ତାବ ରହିଛି କି, ଉତ୍ତର ହଁ ହୋଇଥିଲେ, ସେ ସମ୍ପର୍କରେ ସବିଶେଷ ତଥ୍ୟ ଦେବେ କି, ଗତ ଆର୍ଥିକ ବର୍ଷରେ ଏସବୁ ବନ୍ଦର ଦେଇ କେତେ କାରବାର ହୋଇଥିଲା ଓ ଚଳିତ ଆର୍ଥିକ ବର୍ଷ ଏହା କେତେ ହେବାର ଆଶା ଅଛି, ରାଜ୍ୟ ସରକାର ଗତ ବର୍ଷ ଏସବୁ ବନ୍ଦରରୁ କେଉଁ ବାବଦରେ କେତେ ଅର୍ଥ ପାଇଥିଲେ ଓ ଚଳିତ ଆର୍ଥିକ ବର୍ଷରେ ତାହା କେତେ ହବ ବୋଲି ଆଶା କରାଯାଉଛି ?

----

## ରେଳ ପାଇଁ କେନ୍ଦ୍ରୀୟ ଅନୁଦାନ

5701 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୦-୨୧ ରୁ ୨୦୨୪-୨୫ ବର୍ଷ ମଧ୍ୟରେ ଓଡ଼ିଶାରେ ରେଳ କ୍ଷେତ୍ରରେ ଅନୁଦାନ ପ୍ରାପ୍ତ ଟଙ୍କା ପରିମାଣ କେତେ ଥିଲା ଏବଂ ବର୍ଷୱାରୀ ତା'ର ଖର୍ଚ୍ଚର ପରିମାଣ କେତେ ଥିବାସ୍ଥଳେ କେଉଁ ବର୍ଷମାନଙ୍କରେ ଟଙ୍କା ଖର୍ଚ୍ଚ ନହୋଇ ପାରିବାରୁ ଫେରିଯାଇଛି, ରେଳ କ୍ଷେତ୍ର ପାଇଁ ପ୍ରାପ୍ତ ଅର୍ଥରାଶିର ଉପଯୁକ୍ତ ବ୍ୟୟ ନିମିତ୍ତ ସରକାର ନିର୍ଦ୍ଧାରିତ ସମୟରେ କେଉଁ ବର୍ଷ ମାନଙ୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ଯେଉଁ ବର୍ଷ ମାନଙ୍କରେ କେନ୍ଦ୍ରକୁ ଟଙ୍କା ଖର୍ଚ୍ଚ ନହୋଇପାରି ଯାଇଛି, ସମ୍ପୃକ୍ତ ପ୍ରକଳ୍ପ ଶେଷ କରିବାକୁ ଫେରିଯିବା ଅର୍ଥ ସହ ଅଧିକ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ କେନ୍ଦ୍ର ସରକାର ପରବର୍ତ୍ତୀ ବର୍ଷରେ କେତେ ଅଧିକ ଅର୍ଥ ଯୋଗାଇଛନ୍ତି ?

----

## ଜବର ଦଖଲ ଉଚ୍ଛେଦ

5702 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରରେ କେତେ ପରିମାଣର ସରକାରୀ ଜମି କେଉଁ ସ୍ଥାନ ମାନଙ୍କରେ କାହା ଦ୍ୱାରା ଜବର ଦଖଲରେ ଅଛି, ତାର ହିସାବ ଦେବେ କି, ୨୦୨୪ ଜୁନ୍ ମାସଠାରୁ ଅଦ୍ୟାବଧି କେତେ ସରକାରୀ ଜମି କେଉଁ ସ୍ଥାନମାନଙ୍କରୁ ଜବରଦଖଲ ମୁକ୍ତ କରାଯାଇ ସରକାରୀ ଖାତାକୁ ଅଣାଯାଇଛି ଏବଂ କେଉଁ ସ୍ଥାନମାନଙ୍କରେ ଜବରଦଖଲ ଉଚ୍ଛେଦ ପରେ ମଧ୍ୟ ପୁନର୍ବାର ସେହି ସ୍ଥାନ ଗୁଡିକ ଦଖଲ କରାଯାଇଛି, ଏରିୟା/ୱାର୍ଡୱାରୀ ସରକାରୀ ଜମିର ପରିମାଣ, ଜବରଦଖଲ ଓ ଦଖଲମୁକ୍ତ ପରିମାଣର ସୂଚନା ପ୍ରଦାନ କରିବେ କି, ଖାଲିଥିବା ସ୍ଥାନ / ଜମି ଉପରେ ସରକାର କେଉଁଠାରେ କି ପ୍ରକାର କାର୍ଯ୍ୟାଳୟ/ ନିର୍ମାଣ କାର୍ଯ୍ୟ କରିବେ ?

----

## ତାଲିମ୍ କେନ୍ଦ୍ର ତାଲିକା

5703 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାମାନଙ୍କରେ କେତୋଟି ଲେଖାଏଁ ବିପର୍ଯ୍ୟୟ ପରିଚାଳନା ତାଲିମ୍ କେନ୍ଦ୍ର ଆଶ୍ରୟସ୍ଥଳୀମାନ ଅଛି, ବ୍ଲକୱାରୀ ଏକ ତାଲିକା ଦେବେ କି, ୨୦୨୪ ଜୁନ୍ ମାସଠାରୁ ଫେବୃୟାରୀ ୨୦୨୬ ମଧ୍ୟରେ କେତୋଟି ନୂତନ ତାଲିମ କେନ୍ଦ୍ର ଓ ଆଶ୍ରୟ ସ୍ଥଳୀ ନୂତନ ଭାବେ ସ୍ଥାପନ କରାଯାଇଛି ତା'ର ହିସାବ ପ୍ରଦାନ କରିବା ସଙ୍ଗେ ସଙ୍ଗେ କେତୋଟି ଆଶ୍ରୟସ୍ଥଳୀ କେଉଁ ଜିଲ୍ଲାରେ ମରାମତି କିମ୍ୱା ଉନ୍ନୀତ କରାଯାଇଛି ?

----

## ବସ୍ ସେବାର ଲାଭ କ୍ଷତି

5704 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ବ୍ଲକର ସଦର ମହକୁମା ଗୁଡିକୁ ରାଜ ସରକାର, ମୋ ବସ୍/ ଆମ ବସ୍ / ଲକ୍ଷ୍ମୀ ବସ୍ ଇତ୍ୟାଦି ଯାତାୟତ କରୁଛି, ଗ୍ରାମ୍ୟ କ୍ଷେତ୍ରମାନଙ୍କୁ ଯାତାୟତ କରୁଥିବା ଉପରୋକ୍ତ ଶ୍ରେଣୀର ବସମାନଙ୍କ ମଧ୍ୟରେ କେତେ ସଂଖ୍ୟକ ଏସି ଏବଂ କେତେ ନନ୍-ଏସି ତାର ହିସାବ ପ୍ରଦାନ କରିବେ କି, ଏହି ବସ୍ ଗୁଡିକର ମାସିକ ହାରାହାରି ଆୟ କେତେ ହେଉଥିବାବେଳେ ଖର୍ଚ୍ଚ ତଥା ଆନୁସଙ୍ଗିକ ମରାମତି ପରେ ବସ୍ ସେବା ଲାଭଦାୟକ କିମ୍ୱା ସରକାର କ୍ଷତି ସହୁଛନ୍ତି ?

----

## Deep Borewell ଖନନ ସମ୍ପର୍କରେ

5705 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Deep Borewell ମାଧ୍ୟମରେ ଚାଷ ଜମିକୁ ଜଳ ଯୋଗାଣ ପାଇଁ ସରକାର ୨୦୨୪ ଜୁନ୍ ଠାରୁ ଫେବୃୟାରୀ ୨୦୨୬ ମଧ୍ୟରେ ରିହାତି ଯୋଜନାରେ କେଉଁ ଜିଲ୍ଲାରେ କେତୋଟି ନୂତନ Deep Borewell ସ୍ଥାପନ ପାଇଁ ସହାୟତା ରାଶି ଯୋଗାଇ ଦେଇଛନ୍ତି ଏବଂ ସେହି Deep Borewell ମାନଙ୍କ ଦ୍ୱରା କେତେ ଜମିକ ଜଳସେଚିତ କରାଯାଇପାରୁଛି, ସରକାରଙ୍କ ନିର୍ଦ୍ଧାରିତ ଗଭୀର ସୀମା ମଧ୍ୟରେ ଚାଷପୋଯୋଗୀ ଜଳ ନବାହାରିବା କ୍ଷେତ୍ରରେ ଖନନର ଗଭୀରତାକୁ କେତେ ଅଧିକ ମିଟର ପାଇଁ କରାଯାଇପାରିବ ସେ ବିଷୟରେ କିଛି ନିର୍ଦ୍ଦେଶନାମା ଅଛି କି, ନିର୍ଦ୍ଧାରିତ ଗଭୀରତା ଠାରୁ ଅଧିକ ଗଭୀର ଖନନ କଲେ ସରକାରୀ ସହାୟତାରେ ପ୍ରତିବନ୍ଧକ ଅଛି କି ?

----

## ଜବର ଦଖଲ ଉଚ୍ଛେଦ

5706 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ସିଉଳା ମୌଜା, ମାଟିଆପଡା-୧ ଏବଂ ୨ ମୌଜାରେ ଗତ ୧୦ ବର୍ଷ ମଧ୍ୟରେ କେଉଁ କେଉଁ ପ୍ରଭାବଶାଳୀ ବ୍ୟକ୍ତି ଚଞ୍ଚକତା କରି କେଉଁ କେଉଁ ଜାଗାରେ ସର୍ବସାଧାରଣ ବ୍ୟବହାର ଯୋଗ୍ୟ ମୂଲ୍ୟବାନ ଗୋଚର ଓ ଅନାବାଦୀ ଜମିକୁ ସେମାନଙ୍କ ନାମରେ ଲିଜ/ ପଟା କରିନେଇଛନ୍ତି, (ଖ) ବର୍ତ୍ତମାନ ସରକାରୀ project ପାଇଁ ଜମିର ଅଭାବ ଦୃଷ୍ଟିରୁ ବିଭାଗ ତରଫରୁ ସେଠାରେ ଥିବା ସମସ୍ତ ଗୋଚର ଓ ଅନାବାଦି ଜମିକୁ demarcate କରି unauthorise encroachment କୁ ହଟାଇବା ପାଇଁ କି ପଦକ୍ଷେପ ନେଇଛନ୍ତି ?

----

## ନାଳ ମରାମତି

5707 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅଧିନସ୍ଥ ଗୋବିନ୍ଦପୁର ପଞ୍ଚାୟତ, ତରକଳ ପଞ୍ଚାୟତ ଅଧିକ ପୁରୀ - ଭୁବନେଶ୍ୱର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଗହୀର ଜମି ମଧ୍ୟ ଦେଇ ଯାଇଥିବା ଚକ ରାସ୍ତା ଓ ନାଳ repair ଓ ପୁନଃ ଖନନ ପାଇଁ ବିଭାଗ ତରଫରୁ ପଦକ୍ଷେପ ନେବେ କି, (ଖ) ଏହି ମୌଜା ଅଧିକ ଉତ୍ତରାଞ୍ଚଳ, ଗୁଡିଆ ପୋଖରୀ ଛକ ପାର୍ଶ୍ୱରେ ଥିବା କେନାଲ ଗୁଡିକ ଉପରେ ଦୋକାନ ବଜାର କରି ଅଳିଆ ଆବର୍ଜନା ଓ ଘରର ଡ୍ରେନ ପାଣି ଛାଡିବା ଦ୍ୱାରା ପରିବେଶ ଦୂଷିତ ହେଉଥିବାରୁ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ କି ?

----

## Penalty ଆଦାୟ ସଂପର୍କରେ

5708 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି minor mineral sairat source ଅଛି, ସେଥିମଧ୍ୟରୁ ବର୍ତ୍ତମାନକେଉଁ ଜିଲ୍ଲାରେ କେତୋଟି ଚାଲୁଛି ଏବଂ ଆର୍ଥିକ ବର୍ଷ 2024 2025 ଓ 2025 2026 ମଧ୍ୟରେ କେଉଁ ଜିଲ୍ଲାରେ କେତୋଟି ଗାଡି ଓ ମେସିନ ଧରା ହୋଇଛି, ସେଥିରୁ କେତେ Penalty ଆଦାୟ ହୋଇଛି ?

----

## ଜଗତସିଂପୁରରେ Sand Quarry ସଂଖ୍ୟା

5709 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂପୁର ଓ ଯାଜପୁର ଜିଲ୍ଲାର କେଉଁ କେଉଁ ତହସିଲରେ କେତୋଟି Sand Quarry ରହିଛି, ସେଥିମଧ୍ୟରୁ ବର୍ତ୍ତମାନ କେତୋଟି ଚାଲୁଅଛି ଓ ସେଗୁଡିକ ବର୍ଷକୁ କେତେ ଉତ୍ତୋଳନ କରିବାର କ୍ଷମତା ରହିଛି ଏବଂ ସେଥିମଧ୍ୟରୁ କେଉଁ ଗୁଡିକ machine ସାହାଯ୍ୟରେ loading ପାଇଁ ଅନୁମତି ଦିଆଯାଇଛି ?

----

## ଖଣି ଖାଦାନର ଅବୈଧ ଚାଲାଣ

5710 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲାରେ କେଉଁ କେଉଁ ତହସିଲରେ କେତେ ବାଲି ସଇରାତ, ରତ୍ନପଥର ଖଣି ଖାଦାନ କେବେଠାରୁ ନିଲାମି କେତେ ଟଙ୍କାରେ ଦିଆଯାଇଛି, କେତେ ଟଙ୍କା ଆଦାୟ ହୋଇଛି ଏବଂ ସଂପ୍ରତି ଲଘୁ ଖଣିଜ ନିର୍ଦ୍ଦେଶାଳୟ ତାର ଅଧିକାରୀଙ୍କ ଜରିଆରେ ଏହାର ଅବୈଧ ଚାଲାଣ ରୋକିବାକୁ କି ପଦକ୍ଷେପ ନେଇଛନ୍ତି, କେତେ ପରିମାଣର ଉତ୍ତୋଳନ କରିବାକୁ ଦିଆଯାଇଛି ?

----

## ଚାଷୀମାନଙ୍କୁ କ୍ଷତି ପୂରଣ

5711 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ବାଙ୍କୀ ନିର୍ବାଚନମଣ୍ଡଳୀରେ ବର୍ଷା ଓ ବନ୍ୟା ଯୋଗୁଁ କେତେ ଜମିରେ ବାଲିଚର ହୋଇଥିବାବେଳେ ଚାଷୀମାନଙ୍କୁ କ୍ଷତି ପୂରଣ ବାବଦରେ କେତେ ଅର୍ଥ ପ୍ରଦାନ କରାଯାଇଛି?

----

## ମହାନଦୀର ଜଳ ଧାରଣ କ୍ଷମତା ବୃଦ୍ଧି

5712 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମହାନଦୀର ମଣ୍ଡଳୀ ଉପର ଭାଗରେ ଓ ତଳମୁଣ୍ଡରେ ବର୍ତ୍ତମାନ ଜଳସ୍ତର କେତେ ଅଛି ପ୍ରକାଶ କରି ଅକ୍ଟୋବର ପରେ ମହାନଦୀର ଜଳସ୍ତର ହ୍ରାସ ପାଉଥିବାରୁ ଏହାର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବାଙ୍କୀରେ ହୋଇଥିବା ଉନ୍ନତମୂଳକ କାର୍ଯ୍ୟ

5713 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଖଣି ନିଗମ ତରଫରୁ ଅଦ୍ୟାବଧି ବାଙ୍କୀ ନିର୍ବାଚନମଣ୍ଡଳୀରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ଉନ୍ନତମୂଳକ କାର୍ଯ୍ୟ ସଂପାଦନ ହୋଇଛି?

----

## ଅଧିକ ସଂଖ୍ୟକ ଯାତ୍ରୀବାହୀ ବସ ଚଳାଚଳ

5714 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନରସିଂହପୁର, ବଡମ୍ବା ରୁ ବାଙ୍କୀ କଳାପଥର ଦେଇ ବିଭିନ୍ନ ସ୍ଥାନକୁ କେତୋଟି ବସ ଚଳାଚଳ କରୁଅଛି ପ୍ରକାଶ କରି ଏଠାରେ ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ସଂଖ୍ୟକ ଯାତ୍ରୀବାହୀ ବସ ଚଳାଚଳ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପାସବୁକ୍ ପ୍ରକ୍ରିୟା

5715 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ, ଡମପଡା ଓ ବାରଙ୍ଗ ତହସିଲରେ କେତେ ଜମିର ପାସବୁକ୍ ପ୍ରସ୍ତୁତ ହୋଇଛି ପ୍ରକାଶ କରି ଏହି ପ୍ରକ୍ରିୟା କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ?

----

## Master Plan for interlinking of rivers

5716 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether the State Government has prepared any comprehensive policy or master plan for interlinking of rivers within Odisha to ensure optimum utilization of water resources, (b) If so, the details of the rivers proposed to be linked and the present status of such projects, The estimated cost and potential benefits in terms of irrigation, drinking water supply, and flood control across the State, The steps taken by the Government to coordinate with the Central Government for implementation of river interlinking projects in Odisha ?

----

## ଛାତ୍ରଛାତ୍ରୀ ମାନଙ୍କ ଯାତାୟତ ପାଇଁ ରିହାତି

5717 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଯାତାୟତ ପାଇଁ (ଘରୋଇ ଓ ସରକାରୀ) ବସ ଗୁଡିକରେ କେତେ ପ୍ରତିଶତ ରିହାତି ରହିଅଛି ଜଣାଇବା ସହ, ଛାତ୍ରଛାତ୍ରୀମାନେ ଯେପରି ସମସ୍ତ ସରକାରୀ ଓ ବେସରକାରୀ ବସ ମାଧ୍ୟମରେ କଲେଜକୁ ସୁବିଧାରେ ଯାତାୟତ କରି ପାରିବେ ସେଥପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି, (ଖ) ଅଦ୍ୟାବଧି କେଉଁ ଜିଲ୍ଲାର କେତେ ଛାତ୍ରଛାତ୍ରୀମାନଙ୍କୁ ବସପାସ୍‌ର ସୁବିଧା କରାଯାଇଅଛି ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

### Project Agreements with steel or Mining Companies

5718 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) whether the Government has signed any Project Agreements or MoUs with steel or mining companies in Odisha after June 2024; (b) if yes, the company-wise details, proposed location of the projects, investment amount and expected employment generation; whether any budgetary provision has been made in the upcoming financial year for establishment of new steel plants, mining-based industries or downstream steel clusters in the State; and if yes, the district-wise details of the proposed projects including Sundargarh, Keonjhar, Angul and Jajpur districts and the amount allocated in the upcoming Budget ?

----

### Total Chromite reserves

5719 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total chromite reserves available in Odisha, district-wise, (b) The number of chromite mines currently operational in the state, particularly in the Sukinda Valley of Jajpur district, and The annual production of chromite during the last three years, company-wise ?

----

### Environmental Pollution and groundwater contamination

5720 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Government has taken steps to address environmental pollution and groundwater contamination caused by chromite mining in the Sukinda Valley, (b) If yes, the

details of measures taken for environmental protection, rehabilitation and health support for affected local communities, and Whether any new policies or monitoring mechanisms have been introduced to sustainable chromite mining in Odisha ?

----

## ଭୂମିହୀନ ପରିବାରକୁ ଜମି ଯୋଗାଣ

5721 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ଜଟଣୀ ନିର୍ବାଚନମଣ୍ଡଳୀର କେଉଁ ମୌଜାର କେଉଁ ଭୂମିହୀନ ପରିବାରକୁ କେତେ ବାସପୋଯୋଗୀ ଜମି ଯୋଗାଇ ଦିଆଯାଇଛି?

----

## ପ୍ରେସର ସଂପ୍ରସାରଣ ପାଇଁ ପଦକ୍ଷେପ

5722 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରସ୍ଥିତ ଓଡିଶା ସରକାରୀ ପ୍ରେସର ଆଧୁନିକୀକରଣ ଓ ସଂପ୍ରସାରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ପ୍ରକାଶ କରି ଏହି ପ୍ରେସରେ ବିଗତ ତିନି ବର୍ଷରେ କେତେ ପରିମାଣର କେଉଁ ଫାର୍ମଓ କାଗଜ ଛାପା ସମ୍ପାଦନ ହୋଇଛି ଏହାକୁ ଏହା ପରିପୂର୍ଣ୍ଣ ପ୍ରେସରେ ପରିଣତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି?

----

## ବସର ପୁନଃ ଚଳାଚଳ ପାଇଁ ପଦକ୍ଷେପ

5723 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୂର୍ବରୁ ଜଟଣୀରୁ ବିରିପୁର ଭାୟା କପିଳପ୍ରସାଦ ଦେଇଯାଉଥିବା ଓଡିଶା ସଡକ ପରିବହନ ବସଟି ବନ୍ଦ ହୋଇଥିବା ପରିପ୍ରେକ୍ଷୀରେ ଏହି ବସ ପୁନଃ ଚଳଚଳ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଇଲେକ୍ଟ୍ରୋନିକ୍ସ ଡିସପ୍ଲେ ମାଧ୍ୟମରେ ପ୍ରଦର୍ଶନ

5724 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଓ ଜଟଣୀ ସହରରେ ଇଲେକ୍ଟ୍ରୋନିକ୍ସ ଡିସପ୍ଲେ ମାଧ୍ୟମରେ ସରକାରଙ୍କ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମର ପ୍ରଦର୍ଶନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ପ୍ରାକୃତିକ ନାଳ ଖନନ ପାଇଁ ହୋଇଥିବା ଖର୍ଚ୍ଚ

5725 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ଜଟଣୀ ନିର୍ବାଚନମଣ୍ଡଳୀରେ ପ୍ରବାହିତ କେଉଁ ପ୍ରାକୃତିକ ନାଳର ଖନନ ଓ ସଫେଇ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ କେନାଲ ସଂପ୍ରସାରଣ ଓ ମରାମତି ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି?

----

## ବନ୍ଦୋବସ୍ତ କାର୍ଯ୍ୟ

5726 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଧୂମତ୍, ଇନ୍ଦୁପୁର ଓ ଭ୍ରମରଦିଆପାଟଣା ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ଶେଷ ହୋଇନଥିବାରୁ ଜମି ଖର୍ଦ୍ଦି ବିକ୍ରିରେ ଅସୁବିଧା ଦର୍ଶାଇ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ସରକାରଙ୍କୁ ଆବେଦନ କରିଥିବା ସତ୍ୟ କି, ଯଦି ହଁ, ଏହି ବନ୍ଦୋବସ୍ତ କାର୍ଯ୍ୟ ସଂପାଦନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେକି?

----

## କେନାଲର ନବୀକରଣ

5727 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରାପଡା ମ୍ୟୁନିସିପାଲିଟି ଅନ୍ତର୍ଗତ କାକଟ ଠାରୁ ଏକଡାଖଣ୍ଡି ଏବଂ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଖଣ୍ଡାକିଆ ଠାରୁ ଏକଡାଖଣ୍ଡି ଗୋବରୀ ସଂପ୍ରସାରିତ କେନାଲର ନବୀକରଣ କାର୍ଯ୍ୟ ବର୍ତ୍ତମାନସୁଦ୍ଧା କେତେ ଶତାଂଶ ଓ କେଉଁ କେଉଁ ଅଂଚଳରେ ସଂପୁର୍ଣ୍ଣ କରାଯାଇପାରିଛି କହିବେକି, (ଖ) କେଉଁ କାରଣବସତଃ ଅବଶିଷ୍ଟ ନବୀକରଣ କାର୍ଯ୍ୟ ଅସଂପୁର୍ଣ୍ଣ ହୋଇ ପଡିରହିଛି ଓ କେବେସୁଦ୍ଧା ସମୁଦାୟ କେନାଲର ନବୀକରଣ କାର୍ଯ୍ୟ ସଂପୁର୍ଣ୍ଣ ହେବ?

----

## ବ୍ରାହ୍ମଣୀ ଜଳ ନିଷ୍କାସନ

5728 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବ୍ରାହ୍ମଣୀ ବନ୍ୟାଜଳ ନିଷ୍କାସନ ନିମନ୍ତେ କେନ୍ଦ୍ରାପଡାର ପଟ୍ଟାମୁଣ୍ଡାଇ ବ୍ଲକର ମଦନପୁରଠାରେ ମଦନପୁର ନିର୍ମାଣ ହୋଇଥିବା ସତ୍ୟ କି, ଯଦି ହଁ, ତାହା କେବେ ଓ କେତେ ଅର୍ଥ ନ୍ୟାୟରେ ନିର୍ମାଣ କରାଯାଇଥିଲାଏବଂ ଏହି ମଦନପୁର ତଟକୁ ପୁନଃ କାର୍ଯ୍ୟକ୍ଷମ କରିବାର ଯଥାର୍ଥତା ଅଛି କି, ଯଦି ହଁ ତାହା କେବେ କାର୍ଯ୍ୟକାରୀ କରାଯିବ?

----

## ଗୋବରୀ ନଦୀ ଉଦ୍ଧାର

5729 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ବିଗତ ୨୦୧୯ ଠାରୁ ୨୦୨୪ ମଧ୍ୟରେ ଓ ୨୦୨୪ -୨୫ ଏବଂ ୨୦୨୫ -୨୬ ବର୍ଷରେ କେନ୍ଦ୍ରାପଡ଼ାରେ ପ୍ରବାହିତ ଗୋବରୀ ନଦୀ ଉଦ୍ଧାର ପାଇଁ କେତେ କେତେ ଅର୍ଥ ରାଶି ଯୋଗାଇ ଦେଇଛନ୍ତି ; ମଞ୍ଜୁରପ୍ରାପ୍ତ ଏହି ଅର୍ଥରାଶିରୁ କେତେ ପରିମାଣର ଅର୍ଥ ବ୍ୟୟିତ ହୋଇ କି କି କାର୍ଯ୍ୟ କରାଯାଇଛି ଏବଂ ସମ୍ପୂର୍ଣ୍ଣ ଗୋବରୀ ନଦୀର ପୁନରୁଦ୍ଧାର ନିମନ୍ତେ କୌଣସି ଯୋଜନା ଅଛି କି ?

----

## ବସ ଷ୍ଟାଣ୍ଡ ନିର୍ମାଣ

5730 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରାପଡ଼ାର ନୂଆ ବସଷ୍ଟାଣ୍ଡଠାରେ ନିର୍ମିତ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ଶେଷ କରାଯାଇ ଲୋକାର୍ପଣ କରାଯିବ ; (ଖ) ଏହି ବସଷ୍ଟାଣ୍ଡର ନିର୍ମାଣ ପାଇଁ ରାଜ୍ୟ ସରକାର କେତେ ଟଙ୍କା ମଞ୍ଜୁର କରିଥିଲେ ଓ ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ଶେଷ କରିବାପାଇଁ ସମୟ ଧାର୍ଯ୍ୟ କରିଥିଲେ ?

----

## Water Security Mission

5731 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- What specific irrigation potential has been created in Puri district, including Satyabadi Water Security Missions like the 1,790 crore intra-state river linking and Nabakrushna Choudhury scheme expansions, compared to the previous Government's CAG-noted lapses where only 24% of potential was achieved despite 12,742 crore spent ?

----

## LTL Policy

5732 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Odisha hosts 54 Steel Plants (22% National capacity) with Long-Term Linkage policy favouring locals: Budget pushes JSW/Tata expansions; Are there any plans to supply Puri rare minerals to state steel units via OMC, creating jobs in Satyabadi under LTL policy; What incentives in 2026-27 Budget for steel ancillary units in Puri/Satyabadi using local heavy minerals ?

----

## Enhancement of Budget

5733 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) Details of Budget enhancements for Planning & Convergence in 2026-27 supporting Odisha Vision 2036, including convergence for peri-urban development (Rs 200 crore) and Model Mandis; (b) Comparison of project completion rates in 207 mega water projects (only 25% done) steps to prioritise Satyabadi's Coconut farming and rural infrastructure via WODC-like convergence ?

----

### Digital Outreach

5734 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- What metrics show I & PR's success in using AI Chatbots, Whats APP, and Social Media for real time grievance redressal under CM's 2026 agenda, Will the Govt share reach data for promoting Odia-Language communications ( now mandatory per CM's directive) on schemes like Mukhyamantri Kanya Sumangal Yojana ?

----

### Rural Road connectivity

5735 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Following present Govt's completion of land acquisition for 50 of 92 previous Govt. built bridges lacking approach roads, what specific plans exist for Satyabadi's rural links, ensuring all villages over 150 population get roads by 2027 as pledged; How is the Rs 7,500 crore for major district roads and bridges prioritising Satyabadi's unfinished rural stretches, left dangling by previous Govt.inaction despite promises?

----

### ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ

5736 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବର୍ଷରେ ଭଦ୍ରକ ଜିଲ୍ଲାରେ କେତେଟି ମେଗା ପାନୀୟ ଜଳ ପ୍ରକଳ୍ପ ହାତକୁ ନିଆଯାଇଛି ;(ଖ) ସେଗୁଡ଼ିକର ନାମ, ସ୍ଥାନ ଓ ପ୍ରକଳ୍ପ ଅନୁଯାୟୀ ଅନୁମାନିତ ବ୍ୟୟ କେତେ ; ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ କେତେ ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଛି ; ପ୍ରତ୍ୟେକ ପ୍ରକଳ୍ପ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରହିଛି ?

----

### ପୋର୍ଟର ବ୍ୟବସାୟ

5737 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ବର୍ତ୍ତମାନ କେତୋଟି ପୋର୍ଟ କାର୍ଯ୍ୟରତ ଅଛି; ସେହି ପୋର୍ଟମାନଙ୍କ ମଧ୍ୟରୁ ପ୍ରତିଟି ପୋର୍ଟ ଦ୍ୱାରା ପିଛଲା କିଛି ବର୍ଷରେ ( ପ୍ରତି ଆର୍ଥିକ ବର୍ଷରେ) କେତେ ପରିମାଣର ବ୍ୟବସାୟ କାର୍ଗୋ ହାଣ୍ଡଲିଂ ହୋଇଛି ଓ ସେଥିରୁ କେତେ ଟଙ୍କା ଲାଭ ହୋଇଛି ;ସେହି ପୋର୍ଟମାନଙ୍କ ଦ୍ୱାରା ପ୍ରତିବର୍ଷ ଲାଭର କେତେ ପରିମାଣ ରାଶି ସିଏସଆର (CRC) ମାଧ୍ୟମରେ ବ୍ୟୟ କରାଯାଉଛି; ସେହି ସିଏସଆର ଧନରାଶି କେଉଁ କେଉଁ ଜିଲ୍ଲାରେ ଓ କେଉଁ କେଉଁ କ୍ଷେତ୍ରରେ ବ୍ୟୟ କରାଯାଉଛି ;ବିଶେଷ କରି Paradip Port / Dhamara ପୋର୍ଟ ପକ୍ଷରୁ ପିଛଲା କିଛି ବର୍ଷ ଧରି ସିଏସଆର ଅଧୀନରେ କେତେ ଟଙ୍କା ବ୍ୟୟ ହୋଇଛି, ଏବଂ ସେହି ଧନ କେଉଁ କେଉଁ ଜିଲ୍ଲା ଓ କେଉଁ କେଉଁ ପ୍ରକଳ୍ପ / ଅନୁଷ୍ଠାନ ମାଧ୍ୟମରେ ବ୍ୟୟ କରାଯାଇଛି ?

----

## ଜୋରିମାନା ଆଦାୟ ସମ୍ପର୍କରେ

5738 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଆର୍ଥିକ ବର୍ଷରେ Pollution Under Control Certificate (PUC) ନଥିବା କାରଣରୁ ସାଧାରଣ ଜନତାଙ୍କ ଉପରେ କେତେ ପରିମାଣ ଜୋରିମାନା କଟାଯାଇଛି; (ଖ) ସେଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ପରିମାଣ ଜୋରିମାନା ଆଦାୟ ହୋଇଛି ଏବଂ ଏହାର ମାସଭିତ୍ତିକ ବିବରଣୀ କଣ; ଉକ୍ତ ଜୋରିମାନାରେ ସାଧାରଣ ଲୋକଙ୍କୁ କିଛି ରିହାତି ଦେବା ପାଇଁ ସରକାର କୌଣସି ଯୋଜନା କରିଛନ୍ତି କି?

----

## ରୟାଲିଟି ସଂଗ୍ରହ ପରିମାଣ

5739 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲୁଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପ ପାଇଁ ମାଇନର୍ ମିନେରାଲ୍ ଯଥା ମାଟି, ଗୋଡ଼ି, ବାଲି ଓ ମୋରମ୍ କେତେ ପରିମାଣରେ ଆବଶ୍ୟକ ହୁଏ ଏବଂ ଏହା ପାଇଁ ବର୍ତ୍ତମାନ ରାଜ୍ୟରେ ପ୍ରୟୋଜନୀୟ ସଂସାଧନ ଉପଲବ୍ଧ ଅଛି କି; (ଖ) ଉକ୍ତ ମାଇନର୍ ମିନେରାଲ୍‌ଗୁଡ଼ିକ ପାଇଁ ରାଜ୍ୟ ସରକାର କେତେ ପରିମାଣର ରିଜର୍ଭ ରଖିଛନ୍ତି ଏବଂ ବର୍ତ୍ତମାନ ମୋଟ ଷ୍ଟକ୍ କେତେ ରହିଛି; ମାଇନର୍ ମିନେରାଲ୍ ଖନନ ଓ ବିକ୍ରୟ ମାଧ୍ୟମରେ ରାଜ୍ୟ ସରକାରଙ୍କୁ କେତେ ପରିମାଣର ରୋୟାଲଟି ଆଦାୟ ହେଉଛି; ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମାଇନର୍ ମିନେରାଲ୍ ରୋୟାଲ୍ଟି ମାଧ୍ୟମରେ କେତେ ରାଶି ସଂଗ୍ରହ ହୋଇଛି ?

----

## ରେଭେନ୍ୟୁ ସଂଗ୍ରହ ବିବରଣୀ ପ୍ରଦାନ

5740 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବର୍ତ୍ତମାନ ରାଜ୍ୟ ସରକାର ଦ୍ଵାରା ମାଇନର୍ ମିନେରାଲ୍ ସମ୍ପର୍କରେ ଯେଉଁ ନୂତନ SOP (Standard Operating Procedure) ଜାରି କରାଯାଇଛି, ତାହା ଫଳରେ ସରକାରଙ୍କ ରେଭେନ୍ୟୁ ବୃଦ୍ଧି (ସର୍ପ୍ଲସ) ହେବ କି କମିବ; (ଖ) ଯଦି ଏହା ଫଳରେ ସରକାରଙ୍କ ରେଭେନ୍ୟୁ ବୃଦ୍ଧି ହେବ, ତେବେ ସେହି ବୃଦ୍ଧି କେମିତି ଓ କେଉଁ କେଉଁ ଉପାୟରେ ହେବ; ଏହି SOP ଅନୁଯାୟୀ ମାଇନର୍ ମିନେରାଲ୍ ଖନନ, ପରିବହନ ଓ ରୟାଲ୍ଟି ଆଦାୟ ପ୍ରକ୍ରିୟା ପ୍ରପର ଚ୍ୟାନେଲ୍ ଓ ବିଧିବଦ୍ଧ ଭାବେ କରାଯିବାକୁ ବ୍ୟବସ୍ଥା ରହିଛି କି ?

----

## One GP - One RI ସର୍କଲ ଖୋଲିବା

**5741 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ One GP - One RI ସର୍କଲ ଖୋଲିବା ପାଇଁ ସରାକର କିଛି ଯୋଜନା କରୁଛନ୍ତି କ ; ଯଦି ହଁ ତେବେ ଏହି ମିଶନ ଦିଗରେ କଣ ପଦକ୍ଷେପ ଗ୍ରହଣ କରିବେ କହିବେ କି; ଅଦ୍ୟାବଧି ଓଡ଼ିଶାରେ କେତେ RI post sanction ଥିବା ବେଳେ in postion ଏବଂ vacant କେତେ; ଏହି ମର୍ମରେ ବାଲେଶ୍ୱର ଜିଲ୍ଲାର ସ୍ଥିତାବସ୍ଥା କଣ; ସମ୍ପୂର୍ଣ୍ଣ post fill-up ଦିଗରେ ସରକାର ପଦକ୍ଷେପ ନେବେ କି ?

----

## ଜମି ଜବରଦଖଲ ମୁକ୍ତ

**5742 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ ଅଦ୍ୟାବଧି କେତେ ସରକାରୀ ଜମି ଜବରଦଖଲ ହୋଇରହିଛି; ବିଗତ 2ବର୍ଷ ମଧ୍ୟରେ କେତେ ଜମି ଜବରଦଖଲ ମୁକ୍ତ ହୋଇଛି; ଏହି ମର୍ମରେ ବାଲେଶ୍ୱର ଜିଲ୍ଲାର statistics କଣ; ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ମୌଜାରେ କେଉଁ ସ୍ଥାନରେ କେତେ ଜମି ଜବରଦଖଲ ଅଛି କହିବେ କି; ଏହାକୁ ଜବରଦଖଲ ମୁକ୍ତ କରିବା ଦିଗରେ କଣ ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Action Plan ର ବିବରଣୀ

**5743 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଣିଜ୍ୟ ବିଭାଗ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାରେ ଆର୍ଥିକ ବର୍ଷ 2026- 27 ରେ କଣ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହେବାପାଇଁ ପ୍ରସ୍ତାବ ହୋଇଛି ?

----

## ପଞ୍ଜିକୃତ EV Vehicle ସଂଖ୍ୟା

**5744 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ଵର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ଅଦ୍ୟାବଧି କେତେ ଦୁଇ ଚକିଆ ଓ ଚାରି ଚକିଆ EV Vehicle ପଞ୍ଜୀକରଣ ହୋଇ ଚାଲୁଛି; ଅଦ୍ୟାବଧି EV Vehicle ପୋଡ଼ି ହୋଇଯିବାର କେତେଗୋଟି ଘଟଣା ବିଭାଗ ନଜରକୁ ଆସିଛି; EVର ବହୁଳ ବ୍ୟବହାର ଏବଂ ଲୋକଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି; ଏହି ମର୍ମରେ ବାଲେଶ୍ୱର ଜିଲ୍ଲାରେ କେତେ Reg ହୋଇଛି; EVର ବହୁଳ ବ୍ୟବହାର ହେତୁ ଜିଲ୍ଲାୱାରୀ ସରକାରୀ ସ୍ତରରେ EV changing station ଖୋଲିବା ପାଇଁ ନୀତିଗତ ନିଷ୍ପତ୍ତି ନେବେ କି?

----

## TAC ଅପେକ୍ଷାରେ ଥିବା ପ୍ରକଳ୍ପ

5745 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜଳସମ୍ପଦ ବିଭାଗ ପକ୍ଷରୁ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେଗୋଟି ପ୍ରକଳ୍ପ ପ୍ରସ୍ତୁତ ହୋଇ TAC ଅପେକ୍ଷାରେ ଅଛି ତାହାର ନାମ ଅର୍ଥ ସହ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହ କେବେ ଆଉ TAC ହେବ କହିବେ କି; (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି କେଉଁ କାର୍ଯ୍ୟଗୁଡ଼ିକ Tender କୁ ଯିବ ?

----

## Multiple Spelling for the Same Community

5746 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government is aware that multiple spellings such as Mehentara, Mehentar, Mehtar and similar variants are used for the same community in Odisha; (b) whether any confusion or difficulty has been reported in issuing Scheduled Caste Certificates due to such variations in spelling; The official entry under which this community is recognized in the Scheduled Castes list for Odisha: The number of cases in the last five years where SC certificates were delayed or rejected due to spelling Variations; and whether the Government proposes to issue clear guidelines to avoid such confusion ?

----

## Total land repaired for projects under the BCPPER

5747 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total land required for projects proposed under the BCPPER region and the district-wise details of land identified, (b) The extent of land acquired so far and the number of affected villages or households: The compensation and rehabilitation measures provided to affected families; and the status of key

infrastructure projects such as ring roads, logistics hubs and industrial zones planned under BCPPER?

----

**Total Number of RTI Applications**

5748 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number of RTI applications received, disposed of and pending in the State during the last five years, year-wise, along with the percentage of disposal; (b) The reasons for the pendency of undisposed applications and the steps taken to reduce the backlog; The prescribed application fee and the maximum time limit for disposal of RTI applications under the Act; The number of cases where penalty has been imposed for delay or non-compliance during the last five years, along with the amount involved; and the measures taken for effective implementation of the RTI Act ?

----

**Projectsa proposed for Cuttack District**

**under the BCPPER Plan**

5749 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) The total number of RTI applications received, disposed of and pending in the State during the last five years, year-wise, along with the percentage of disposal; (b) The reasons for the pendency of undisposed applications and the steps taken to reduce the backlog; The prescribed application fee and the maximum time limit for disposal of RTI applications under the Act; The number of cases where penalty has been imposed for delay or non-compliance during the last five years, along with the amount involved; and the measures taken for effective implementation of the RTI Act ?

----

**Procedure for submission of bills**

5750 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) the prescribed procedure for submission, verification and release of bills for works executed under schemes of the Department; (b) the maximum time limit fixed for processing and release of

such bills after submission of complete documentation; the total number of bills received and disposed of during the last five years and the number still pending for payment, year-wise; the reasons for pendency of such bills; and the steps taken by the Government to ensure timely clearance of bills and avoid delays in payment to executing agencies?

----

## ହାଇକୋର୍ଟ ଆଦେଶ ପାଳନ

5751 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Bhubaneswar ସହିତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଲିଜ୍ ଧାରଣକାରୀମାନଙ୍କୁ ଦିଆଯାଇଥିବା ଲିଜ୍ ଜମି ସମ୍ବନ୍ଧରେ ମାନ୍ୟବର Orissa High Court ଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ବର୍ଷର ପର ବର୍ଷ ପର୍ଯ୍ୟନ୍ତ ସଠିକ୍ ଭାବରେ ପାଳନ ହେଉନାହିଁ ବୋଲି ସରକାରଙ୍କ ଆସିଛି କି; ଯଦି ହଁ, ତେବେ- ଏହି ପରିସ୍ଥିତି କି ନ୍ୟାୟାଳୟର ଆଦେଶ ଅମାନ୍ୟ ହେବା ସହିତ ସମ୍ବିଧାନିକ ଶାସନ ବ୍ୟବସ୍ଥା ଉପରେ ସଙ୍କଟ ସୃଷ୍ଟି କରୁନାହିଁ କି; ଏହି ସମସ୍ୟାର ନିରାକରଣ ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି କିମ୍ବା ଗ୍ରହଣ କରିବାକୁ ଯାଉଛନ୍ତି; ମାନ୍ୟବର ହାଇକୋର୍ଟଙ୍କ ଆଦେଶକୁ କେତେ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯିବ ?

----

## ବସ ଭଡ଼ା ସାର୍ବଜନିନ କରିବାକୁ ପଦକ୍ଷେପ

5752 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବିଭିନ୍ନ ମର୍ଗରେ ଚାଲୁଥିବା ଘରୋଇ ବସ୍‌ମାନଙ୍କ ପାଇଁ କିଲୋମିଟର ପିଛା ନିର୍ଦ୍ଧାରିତ ଭଡ଼ା ହାରକୁ ଏକ ଚାର୍ଟ ମାଧ୍ୟମରେ ବିଭିନ୍ନ ସ୍ଥାନରେ ସର୍ବଜନୀନ କରିବାର ବ୍ୟବସ୍ଥା ରହିଛି କି; (ଖ) ଯଦି ନାହିଁ, ତେବେ ଏପରି ଭଡ଼ା ଚାର୍ଟକୁ ସାର୍ବଜନୀନ କରିବା ପାଇଁ ସରକାର କୌଣସି ବ୍ୟବସ୍ଥା କରିବାକୁ ବିଚାର କରୁଛନ୍ତି କି; ବର୍ତ୍ତମାନ ନିର୍ଦ୍ଧାରିତ ବସ୍ ଭଡ଼ାକୁ କଡ଼ାକଡ଼ି ଭାବରେ ଲାଗୁ କରାଯାଉଛି କି ନାହିଁ ତାହାର ତଦାରଖ କରିବା ପାଇଁ କେଉଁମାନେ ଦାୟିତ୍ୱ ନିଅନ୍ତି ଏବଂ ଉଲଂଘନ ଘଟିଲେ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉଛି; ଧାର୍ଯ୍ୟ ବସ୍ ଭଡ଼ାର ଉଲଂଘନ ଦ୍ୱାରା ଯାତ୍ରୀମାନଙ୍କ ଶୋଷଣ ରୋକିବା ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ୍, କଣ୍ଟ୍ରୋଲ ନମ୍ବର କିମ୍ବା ଏମର୍ଜେନ୍ସି ନମ୍ବର ସର୍ବଜନୀନ କରି ଅଭିଯୋଗ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ଅଛି କି ?

----

## ବାଲି ଚୋରାଚାଲାଣ

5753 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବେଆଇନି ବାଲି ଖନନ ଓ ଚୋରାଚାଲାଣ ରୋକିବା ପାଇଁ ସରକାର କେଉଁ କେଉଁ ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି କି; (ଖ) ବାଲି ଖନନ ଓ ଚାଲାଣରେ ନିୟୋଜିତ ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡ଼ିଗୁଡ଼ିକର ବୈଧତା, ଡକ୍ୟୁମେଣ୍ଟ ଓ ନିୟମାବଳୀ ପାଳନ ସମ୍ପର୍କରେ ସଚେତନତା ସହ ନିୟମିତ ପରୀକ୍ଷା କରାଯାଉଛି କି ଏବଂ ଏପର୍ଯ୍ୟନ୍ତ କେତେ ଗାଡ଼ି ଯାଞ୍ଚ କରାଯାଇଛି; ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଟ୍ରାକ୍ଟର ବା ଅନ୍ୟାନ୍ୟ ଯାନବାହନକୁ ଜବତ କରିବା ଓ ତାହାପରେ ଆଇନଗତ କାର୍ଯ୍ୟବାହୀ କରାଯାଇଛି କି; ଯଦି ହଁ, ତେବେ ତାହାର ଜିଲ୍ଲାଭିତ୍ତିକ ବିବରଣୀ କେତେ; ବାଲି ଖନନ ଓ ଚାଲାଣ ପ୍ରକ୍ରିୟାକୁ ନିୟନ୍ତ୍ରଣ ଓ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦିଷ୍ଟ ରାଜସ୍ୱ ପୋର୍ଟାଲ୍ କିମ୍ବା ଅନଲାଇନ୍ ଏଣ୍ଟ୍ରି ବ୍ୟବସ୍ଥା ରହିଛି କି; ଏହି ପ୍ରକ୍ରିୟାକୁ ଆହୁରି ସ୍ୱଚ୍ଛ ଓ ପାରଦର୍ଶୀ କରି ତୁରନ୍ତ କାର୍ଯ୍ୟନିଷ୍ପା ଗ୍ରହଣ କରାଯିବା ସହ ବିଭାଗୀୟ ଦୁର୍ନୀତି ରୋକିବା ପାଇଁ ସରକାର ଆଗାମୀଦିନରେ କେଉଁ କେଉଁ ପଦକ୍ଷେପ ନେବେ?

----

## ଇନସୁରାନ୍ସ ସୁବିଧା ପ୍ରଦାନ

5754 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ କେତେଟି ବର୍ଗ କିମ୍ବା ବିଭାଗରେ ବିଭକ୍ତ କରାଯାଇଛି (ଯଥା— ପ୍ରିଣ୍ଟ ମିଡିଆ, ଇଲେକ୍ଟ୍ରୋନିକ୍ ମିଡିଆ, ୱେବ୍/ ଡିଜିଟାଲ୍ ମିଡିଆ ଇତ୍ୟାଦି) ଏବଂ ପ୍ରତ୍ୟେକ ବର୍ଗର ସାମ୍ବାଦିକମାନଙ୍କ ସଂଖ୍ୟା କେତେ; (ଖ) ସେମାନଙ୍କୁ ସରକାର ପକ୍ଷରୁ କେଉଁ କେଉଁ ପ୍ରକାର ସୁବିଧା ଓ କଲ୍ୟାଣମୂଳକ ଯୋଜନା ଯୋଗାଇ ଦିଆଯାଉଛି; ବର୍ତ୍ତମାନ ସରକାର ସାମ୍ବାଦିକମାନଙ୍କୁ ଯେଉଁ ଇନସୁରାନ୍ସ ସୁବିଧା ଯୋଗାଇ ଦେଉଛନ୍ତି, ସେହି ଇନସୁରାନ୍ସ କେଉଁ ଯୋଜନା ଅଧୀନରେ ଏବଂ କେତେ ରାଶି ପର୍ଯ୍ୟନ୍ତ ଦିଆଯାଉଛି; ଉକ୍ତ ଇନସୁରାନ୍ସ ସୁବିଧା ପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ ଓ ୱେବ୍ ମିଡିଆ ସମେତ ସମସ୍ତ ସାମ୍ବାଦିକଙ୍କୁ କେଉଁ ଆଧାରରେ ଅନ୍ତର୍ଭୁକ୍ତ କରାଯାଇଛି, ନା କିଛି ନିର୍ଦ୍ଦିଷ୍ଟ ବର୍ଗର ସାମ୍ବାଦିକଙ୍କୁ ମାତ୍ର ଏହାରେ ଅନ୍ତର୍ଭୁକ୍ତ କରାଯାଇଛି; ଏପର୍ଯ୍ୟନ୍ତ କେତେଜଣ ସାମ୍ବାଦିକଙ୍କୁ ଏହି ଇନସୁରାନ୍ସ ସୁବିଧା ଦିଆଯାଇଛି; ଭବିଷ୍ୟତରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କୁ ସମ୍ପୂର୍ଣ୍ଣ ଭାବେ ଇନସୁରାନ୍ସ ସୁବିଧାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି?

----

## ଖଣିଜ ଦ୍ରବ୍ୟ ପରିବହନ କ୍ଷେତ୍ରରେ ପ୍ରତିବନ୍ଧକ

5755 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ (Minor Minerals) ର ପରିବହନ ଓ ବ୍ୟବସାୟୀକରଣ କାର୍ଯ୍ୟରେ ପୂର୍ବରୁ ଯେଉଁ ଠିକାଦାର ଓ ବ୍ୟକ୍ତିବିଶେଷମାନେ ଜଡିତ ଅଛନ୍ତି, ସେମାନଙ୍କ ବ୍ୟତୀତ ନୂତନ ବ୍ୟବସାୟୀମାନେ ଏହି ବ୍ୟବସାୟରେ ପ୍ରବେଶ କରିବାବେଳେ ରାସ୍ତାରେ ଅନେକ ଅସୁବିଧା, ଧମକ ଓ ଆକ୍ରମଣ ସମ୍ମୁଖୀନ ହେଉଛନ୍ତି କି; (ଖ) ଯଦି ହଁ, ତେବେ ଏହି କାର୍ଯ୍ୟକଳାପ ଓ ଆକ୍ରମଣରେ ଜଡିତ ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀମାନଙ୍କ ବିରୋଧରେ ସରକାର କେତେଟି ମାମଲା ରୁଜୁ କରିଛନ୍ତି ଏବଂ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି; ଏହି ପ୍ରକାର କାର୍ଯ୍ୟକଳାପକୁ ରୋକିବା ପାଇଁ ସରକାର କୌଣସି ବିଶେଷ ସୁରକ୍ଷା ବ୍ୟବସ୍ଥା, ମନିଟରିଂ ବ୍ୟବସ୍ଥା କିମ୍ବା ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ଆରମ୍ଭ କରିବାକୁ ବିଚାର କରୁଛନ୍ତି?

----

**Water resources census covering irrigation systems**

**5756 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- The state has launched its first water resources census covering irrigation systems and water bodies; What is the district-wise progress of this census, number of water bodies mapped so far and estimated timeline for publication of the final database?

----

**Flood vulnerability mapping**

**5757 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Has the department updated the district-wise flood vulnerability mapping after the 2024-25 monsoon; If so, provide the list of villages newly classified as flood-prone and the mitigation projects sanctioned?

----

**District wise data of seizures**

**5758 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Provide district-wise data of seizures, FIRs and penalties related to illegal mining or mineral transportation during 2024-25 and 2025-26, including hotspot tehsils identified by the department?

----

**Number of proposals from local bodies**

**5759 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- How many District Planning Committee meetings were conducted in each district post July 2024 and how many proposals from local bodies were approved and implemented?

----

**Status of externally aided projects**

5760 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- What is the status of externally aided projects monitored by the Planning and Convergence Department, including project cost, expenditure and delay reasons for each project as of February 2026; Give Kalahandi specific data?

----

**ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଦିଆଯାଇଥିବା ଅନୁଦାନ**

5761 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ରାଜ୍ୟ ସରକାରଙ୍କ ତରଫରୁ କେତେ ଅର୍ଥ ଗତ ପାଞ୍ଚ ବର୍ଷରେ ଅନୁଦାନ ଦିଆଯାଇଛି ଓ ପରିଷଦ ସେଥିରୁ କେତେ ଅର୍ଥ ଖର୍ଚ୍ଚ କରିଛି ତାହାର ବର୍ଷ ୱାରୀ ହିସାବ ଦେବେକି; ପରିଷଦ ଅନ୍ତର୍ଗତ କେଉଁ କେଉଁ ଜିଲ୍ଲାକୁ ଏହି ସମୟ ମଧ୍ୟରେ କେଉଁ କେଉଁ ପ୍ରକଳ୍ପ ପାଇଁ ଅନୁଦାନ ରାଶି ଯୋଗାଇ ଦିଆଯାଇଛି ?

----

**ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନରୁ ଯୋଗାଣ ହେଉଥିବା ଜଳ ପରିମାଣ**

5762 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟରେ କେଉଁ କେଉଁ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ କେଉଁ କେଉଁ ନଦୀ ଓ ବନ୍ଧରୁ ବାର୍ଷିକ କେତେ ପରିମାଣରେ ଜଳ ଯୋଗାଣ ହେଉଛି ଏହାର ଜିଲ୍ଲା ୱାରୀ ତଥ୍ୟ ଦେବେ କି; ଏହି ବାବଦରେ ରାଜ୍ୟ ସରକାର ରାଜସ୍ୱ ଆକାରରେ ଗତ ପାଞ୍ଚ ବର୍ଷରେ କେତେ ଅର୍ଥ ପାଇଛନ୍ତି ଜଣାଇବେ କି; ବିନା ଅନୁମତିରେ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଜଳ ଚୋରୀ କରୁଥିବା ସଂସ୍ଥା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

**ବନ୍ଦର ମାଧ୍ୟମରେ ମାଲ ପରିବହନ**

5763 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ବର୍ତ୍ତମାନ କେତୋଟି ବନ୍ଦର ଅଛି; ଏଥିରେ ଗତ ତିନି ବର୍ଷରେ କେତେ ମାଲ ପରିବହନ ସହ କେତେ ରାଜସ୍ୱ ଆଦାୟ ହୋଇଛି; ରାଜ୍ୟରେ କେଉଁ କେଉଁ ସ୍ଥାନରେ ନୂତନ ବନ୍ଦର ନିର୍ମାଣ ପାଇଁ ସରକାର ଚିହ୍ନଟ କରିଛନ୍ତି ଓ ତାହାର ବର୍ତ୍ତମାନ ସ୍ଥିତି କଣ ?

----

## ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

5764 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କେଉଁ କେଉଁ ଜିଲ୍ଲାର କେଉଁ ସ୍ଥାନରେ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରାଯାଇଛି; ସେହି ସବୁ ଆଶ୍ରୟ ସ୍ଥଳୀର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ରୁଜି ଯାଉଥିବା ଖବର ସତ୍ୟ କି; ଯଦି ଉତ୍ତର ହଁ ହୁଏ ତେବେ ଏହା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## କାର୍ଯ୍ୟାଳୟର ନିଜସ୍ୱ ଗୃହ

5765 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପଖଣ୍ଡରୁ ସଚିବାଳୟ ଯାଏ ଖାଲି ପଡିଥିବା ପଦବୀର ସମ୍ପୂର୍ଣ୍ଣ ବିବରଣୀ ଦେବେ କି; ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟାଳୟ ଓ ଉପଖଣ୍ଡ କାର୍ଯ୍ୟାଳୟର ନିଜସ୍ୱ ଗୃହ ନାହିଁ ବିବରଣୀ ଦେବା ସହ ଏଥିପାଇଁ ବିଭାଗ ପକ୍ଷରୁ କଣ ଉଦ୍ୟମ କରାଯାଉଛି; ରାଜ୍ୟ ସରକାରଙ୍କ ସଫଳତାକୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିଭାଗ କି କି ପଦକ୍ଷେପ ଗ୍ରହଣ କରୁଛି ?

----

## Legal Heir ସାର୍ଟିଫିକେଟ ପ୍ରଦାନ ସମ୍ପର୍କରେ

5766 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନରେ Legal heir certificate ପ୍ରସ୍ତୁତିରେ ଯଥାର୍ଥ ପରିବାରଙ୍କୁ ତଥ୍ୟ ଭିତ୍ତିକ ଆଧାରରେ certificate ମିଳୁନଥିବା ହେତୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରଙ୍କ ନଜରରେ ଅଛି କି ?

----

## ଅର୍ଥ ସହାୟତା ପ୍ରଦାନ

5767 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୫ ବର୍ଷରେ ମୋହନା ନିର୍ବାଚନ ମଣ୍ଡଳୀ ଅଧିନରେ କେତେ ଜଣ ଅଂଶୁଘାତ, ସର୍ପାଘାତ, ବଜ୍ରାପାତ, ବନ୍ୟା, ବାତ୍ୟାରେ ତଥା ଘରପୋଡ଼ିରେ ମୃତ୍ୟୁ ବରଣ କରିଥିବା ବେଳେ ତନ୍ମଧ୍ୟରୁ କେତେ ଜଣଙ୍କ ଉତ୍ତରାଧିକାରୀ ମାନଙ୍କୁ କେବେ କେତେ ଅର୍ଥ ସହାୟତା ପ୍ରଦାନ କରାଯାଇଛି ?

----

## L.I. Point ସ୍ଥାପନ

5768 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୪-୨୦୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କେତେ L.I. Point ଗଜପତି ଜିଲ୍ଲାରେ ନିର୍ମାଣ କରାଯାଇ ତଥା କରାଯିବାକୁ ଥିବା ସହ କେତେ ଜମି ପାଇଁ ଜଳ ସେଚନ ସାମର୍ଥ ସୃଷ୍ଟି କରାଯାଇପାରିଛି ?

----

**ପଟ୍ଟା ସଂଶୋଧନ**

5769 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଚିଠି ନଂ-6562/R & DM dtd.18.02.2025 ମୁତାବକ ମୃତ ବ୍ୟକ୍ତିଙ୍କ ନାମରେ ଥିବା ରେକର୍ଡ଼ (ପଟ୍ଟା) ସେମାନଙ୍କର ଉତ୍ତରାଧିକାରୀ ମାନଙ୍କ ନାମରେ ସଂଶୋଧନ କରାଯିବା ନିମନ୍ତେ ଆଦେଶ ସମ୍ବନ୍ଧୀୟ ୨୦୨୬ ଆର୍ଥିକ ବର୍ଷରେ ହୋଇଥିବା ସମସ୍ତ କାଗଜାତ ପ୍ରଦାନ କରିବେ କି ?

----

**ବସଷ୍ଟାଣ୍ଡ ନିର୍ମାଣ**

5770 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁରଠାରେ ଏକ ଉନ୍ନତମାନର ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

**ସାମ୍ବାଦିକଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ**

5771 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେଗୋଟି ପଞ୍ଜିକୃତ ୱେବ୍ ଚ୍ୟାନେଲ୍ ଅଛି, ସେଥିରେ କେତେଜଣ ସାମ୍ବାଦିକ କାର୍ଯ୍ୟ କରୁଛନ୍ତି ପ୍ରକାଶ କରି ୱେବ୍ ଚ୍ୟାନେଲ୍‌ରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ଶିକ୍ଷାନୁଷ୍ଠାନ ନାମରେ ଜମି ରେକର୍ଡ କରିବା ପାଇଁ ପଦକ୍ଷେପ**

5772 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେଉଁ କେଉଁ ଶିକ୍ଷାନୁଷ୍ଠାନ ସରକାରୀ ଜମିରେ ସ୍ଥାପିତ ହୋଇଥିଲା ବେଳେ ସେହି ଜମିର ରେକର୍ଡ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ନାମରେ ସତ୍ତ୍ୱଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ବର୍ଷାଜଳ ସଂରକ୍ଷଣ**

5773 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ବର୍ଷାଜଳ ସଂରକ୍ଷଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ସୁବର୍ଣ୍ଣରେଖା ପ୍ରକଳ୍ପର tender

5774 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 2024-25 ମସିହା ସୁବର୍ଣ୍ଣରେଖା ପ୍ରକଳ୍ପରେ କେତୋଟି କାମର tender ପକାଯାଇଥିଲା, କେତୋଟି ବାତିଲ କରାଯାଇଛି ?

----

## ହଳଦିଆ ଡେମ୍ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଥଇଥାନ

5775 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୁବର୍ଣ୍ଣରେଖା ଦ୍ୱାରା ବିସ୍ଥାପିତ ହଳଦିଆ ଡେମ୍ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ଏପର୍ଯ୍ୟନ୍ତ କେତେ ହିତାଧିକାରୀଙ୍କ ଥଇଥାନ ଓ କ୍ଷତି ପୂରଣ ଦିଆଯାଇଛି ଓ କେତେ ଗ୍ରାମ ବାକି ଅଛି ?

----

## ଲୁହା ଖଣିର ସଂଖ୍ୟା

5776 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ କେତୋଟି ଲୁହା ଖଣି ଅଛି, କେତୋଟିରେ କଞ୍ଚାମାଲ ଉତ୍ତୋଳନ କରାଯାଉଛି, କେତୋଟି ବନ୍ଦ ରହିଛି ?

----

## ମୟୂରଭଞ୍ଜ ଜିଲ୍ଲାରେ ବସଷ୍ଟାଣ୍ଡ ପ୍ରତିଷ୍ଠା

5777 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ କେତୋଟି ନୂତନ ବସଷ୍ଟାଣ୍ଡ ପ୍ରତିଷ୍ଠା କରିବାର ସରକାରଙ୍କ ଯୋଜନା ରହିଛି, କେବେସୁଦ୍ଧା ପ୍ରତିଷ୍ଠା କରାଯିବ ?

----

## ଚଳାଚଳ ଲାଇସେନ୍ସ ରଦ୍ଦ

5778 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟରେ ଗତ ଦୁଇ ବର୍ଷ ମଧ୍ୟରେ କେତେ ଅମାନିଆ ଗାଡ଼ି ଚାଳନା ପାଇଁ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି, ବିଶେଷ କରି କୋରାପୁଟ ଜିଲ୍ଲାରେ ଏହି ସଂଖ୍ୟା କେତେ, ଏହାର ଜିଲାୱାରି ତଥ୍ୟ ପ୍ରଦାନ କରିବେ କି, ଗତ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ଗାଡି ରୁ ଫାଇନ ବାବଦକୁ କେତେ ଅର୍ଥ ଆଦାୟ ହୋଇଛି ?

----

## ବ୍ଲାକ ସ୍ପଟ୍ ଗୁଡ଼ିକରେ ଦୁର୍ଘଟଣା ହ୍ରାସ

5779 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ː**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣାରେ କେତେ ଜଣଙ୍କ ପ୍ରାଣ ହାନି ହୋଇଛି, ବ୍ଲାକ ସ୍ପଟ୍ ଗୁଡ଼ିକରେ ଦୁର୍ଘଟଣା ହ୍ରାସ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଯୋଜନା ବୋର୍ଡର ବୈଠକ

5780 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସରକାର ଘୋଷଣା କରିଛନ୍ତି କି, ଏଥିପାଇଁ ଯୋଜନା ବୋର୍ଡ ପକ୍ଷରୁ ଗତ ଦୁଇ ବର୍ଷ ମଧ୍ୟରେ କେତେଥର ବୈଠକ ବସିଥିଲା, ଏହି ବୈଠକରେ କେଉଁ କେଉଁ ନିଷ୍ପତ୍ତି ହୋଇଛି ?

----

## ସୂଚନା ଭବନଠାରେ ସୂଚନା ପ୍ରଦାନ

5781 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- ଭୁବନେଶ୍ୱର ସ୍ଥିତ ସୂଚନା ଭବନଠାରେ ଜନ ସାଧାରଣଙ୍କୁ କେଉଁ କେଉଁ ସମୟରେ କିଭଳି ଓ କେଉଁ ପ୍ରକାର ସୂଚନା ପ୍ରଦାନ କରାଯାଉଛି, ଏଥିପାଇଁ କେତେ ସରକାରୀ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି, ଏଥିପାଇଁ ଦୈନିକ କେତେ ଅର୍ଥ ରାଜକୋଷରୁ ଖର୍ଚ୍ଚ ହେଉଛି ?

----

## ରେଭେନ୍ୟୁ ବିଭାଗରେ ପଦବୀ ପୂରଣ

5782 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟର ରେଭେନ୍ୟୁ ବିଭାଗ ଅଧିନରେ ଥିବା ସମସ୍ତ ଶ୍ରେଣୀର ପଦବୀ (ଯଥା-ତହସିଲଦାର, ଅତିରିକ୍ତ ତହସିଲଦାର, ନାଏବ ତହସିଲଦାର, ନାଏବ ତହସିଲଦାର, ରେଭେନ୍ୟୁ ଇନସ୍ପେକ୍ଟର, ଅମିନ, ଲିପିକ ଶ୍ରେଣୀ, ଗ୍ରୁପ୍-C, ଗ୍ରୁପ୍-D ସହିତ ଅନ୍ୟାନ୍ୟ କ୍ୟାଡର) ରେ ବର୍ତ୍ତମାନ କେତୋଟି ଅନୁମୋଦିତ ପଦବୀ ରହିଛି ଓ ସେଥିରୁ କେତୋଟି ପଦବୀ ଖାଲିଅଛି, ଏହି ଖାଲି ପଦବୀଗୁଡିକ ପୂରଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## କ୍ରୋମାଇଟ୍ ଯୋଗୁଁ ଜନସାଧାରଣ ଆକ୍ରାନ୍ତ

5783 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲା ସୁକିନ୍ଦା ଉପତ୍ୟକାରେ ଥିବା କ୍ରୋମାଇଟ୍ ଖଣିଗୁଡିକରୁ ବାହାରୁ ଥିବା କ୍ରୋମାଇଟ୍ ପାଣି ଡମଶାଳା କେନାଲକୁ ଛାଡି ଥିବାରୁ ଢେଙ୍କାନାଳ ଜିଲ୍ଲା ଭୂନ ବ୍ଲକ ଓଡିଶା ଗ୍ରା ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି, ଭୂତଳ ଜଳ କ୍ରୋମାଇଟ୍ ଅଧିକ ଥିବାରୁ ଓଡିଶା ପଞ୍ଚାୟତର ଲୋକମାନେ cancer, କିଡନି, କମ ବୟସରୁ ସ୍ତ୍ରୀ ଲୋକ ଏବଂ ପୁରୁଷ ଲୋକଙ୍କର ଗୋଡ ବଙ୍କା ହୋଇଯାଉଥିବାରୁ ଖବର ସରକାର ଦୃଷ୍ଟି ଗୋଚରକୁ ଆସିଛି, ଯଦି ଆସିଛି ତାହେଲେ କେବେ କାର୍ଯ୍ୟକାରୀ ହେବ ?

----

## Riverbank protection

5784 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether the Government is aware that riverbank erosion in different river stretches affecting Patkura Constituency is causing loss of agricultural land and habitation; (b) The extent of land and number of families affected during the last ten years; and the steps taken for riverbank protection and compensation/rehabilitation of affected families, whether the Government proposes to strengthen disaster preparedness and relief infrastructure in the constituency ?

----

## Flood Control

5785 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether the Government has undertaken any comprehensive flood management and river embankment strengthening plan for Kendrapara district, which frequently faces flooding due to rivers such as Brahmani, Kharasrota, Luna and their distributaries, (b) The total funds allocated and expenditure incurred during the last ten years for embankment strengthening, drainage improvement and flood protection works in Kendrapara district and whether the Government proposes to implement any long- term integrated flood control and coastal protection measures to safeguard agricultural land, habitations and infrastructure in the district ?

----

## ଜମି ମାପ ସମ୍ପର୍କରେ

5786 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ଜମି ଜବରଦଖଲକୁ ମାପିବା ବେଳେ, ସେହି ଜମିକୁ ଲାଗିକିଥିବା ବ୍ୟକ୍ତିଗତ ଜମି ମାଲିକକୁ ମାପ ପୂର୍ବରୁ Notice କରିବା ଆବଶ୍ୟକ କି, ବ୍ୟକ୍ତିଗତ ଜମିକୁ ସରକାରୀ ଅଧିକାରୀଙ୍କ ଦ୍ୱାରା Demarcation ସରିବା ପରେ ସରକାରୀ ଅଧିକାରୀ ଜମି ମାଲିକଙ୍କୁ କେଉଁ କେଉଁ Report ପ୍ରଦାନ କରିବାର ବ୍ୟବସ୍ଥା ରହିଛି ?

----

## ପ୍ରକଳ୍ପ ପାଇଁ ଅନୁଦାନ

5787 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଭାଗୀୟ ପତ୍ର ସଂଖ୍ୟା-୩୮୫/P, Dtd.୦୪.01.2026 ରେ ଆଦେଶ ପ୍ରକାରରେ 2025-26 ମସିହା ପାଇଁ 725 ଗୋଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ 651933 ଲକ୍ଷ ଟଙ୍କା ଅନୁମୋଦନ କରାଯାଇଅଛି (IDF), କଳାହାଣ୍ଡି ଜିଲ୍ଲାରେ ବିଶେଷ କରି ନର୍ଲା ନିର୍ବାଚନ ମଣ୍ଡଳୀର ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀ ଅପେକ୍ଷା ବହୁତ କମ୍ ଅର୍ଥ ବ୍ୟୟ ବରାଦ କରାଯାଇଅଛି କି, IDF ଅର୍ଥ ବରାଦ ପ୍ରଣାଳୀ କଣ ?

----

## SDOଙ୍କ ବଦଳି

5788 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀର ରେଢ଼୍ ଜଳସେଚନ ପ୍ରକଳ୍ପରେ କେତେ ଜଣ ଏବଂ କେଉଁ କେଉଁ ଯନ୍ତ୍ରୀ କେତେ ବର୍ଷ ହେଲାଣି ସେହି ସ୍ଥାନରେ କାର୍ଯ୍ୟକରି ଆସୁଛନ୍ତି, ସେମାନଙ୍କ ମନମୁଖୀ କାର୍ଯ୍ୟ ଓ ଉନ୍ନତି ମୂଳକ କାମରେ ସହଯୋଗ ନ କରୁଥିବା ବିଷୟରେ ବିଭାଗ ଅବଗତି ଅଛି କି ଏବଂ ଗୋଟିଏ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ କେତେ ବର୍ଷ କାର୍ଯ୍ୟ କରିପାରିବେ, ଯଦି ଅଧିକ ସମୟ ରହିଛନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସହିତ ଅନ୍ୟତ୍ର ବଦଳି କରିବେ କି ?

----

## ପଥର ଖାଦାନ ନିଲାମ

5789 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନର୍ଲା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା କେତେଗୋଟି ବାଲିଘାଟ ଅଛି ଏବଂ ନିଲାମ କରାଯାଇଅଛି; ନିଲାମ ପାଇଥିବା ବ୍ୟକ୍ତି ଏବଂ ବାଲିଘାଟର ବିବରଣୀ ବ୍ଲକୱାରି ପ୍ରଦାନ କରିବେ କି; (ଖ) ନର୍ଲା ନିର୍ବାଚନ ମଣ୍ଡଳୀରେ କେତେଗୋଟି ପଥର ଖାଦାନ ଅଛି ଏବଂ କେତେଗୋଟି ନିଲାମ ହୋଇଅଛି ?

----

## ବାଲି ଘାଟ ନିଲାମ

5790 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟ ସରକାର କେତୋଟି ବାଲି ଘାଟ ନିଲାମ ଦେଇଛନ୍ତି ଓ ସେଥିରୁ କେତେ ବାଲି ଚାଲାଣ ପାଇଁ ଚୁକ୍ତି ହୋଇଛି, ବେଆଇନ ବାଲି ଉଠାଣ ଓ ଅନ୍ୟ ରାଜ୍ୟକୁ ଚାଲାଣ କରି କେଉଁକେଉଁ ଲିଜଧାରି ବାଲି ଉଠାଇ ଅନ୍ୟ ରାଜ୍ୟକୁ ଚଢା ରେଟରେ ବିକ୍ରି କରାଯାଉଛି, ସେହିପରି ରାଜ୍ୟରେ ସମସ୍ତ ଜିଲ୍ଲାରେ ବାଲି ରେଟ ସରକାର ସ୍ଥିର କରି ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଇଦେବେ କି?

----

## ରେଳ ଷ୍ଟେସନ ଆଧୁନିକୀକରଣ

5791 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ କେତୋଟି ରେଳ ଷ୍ଟେସନ ଆଧୁନିକୀକରଣ କରାଯିବା ପାଇଁ ସ୍ଥିର ହୋଇଛି, କେତେ ନୂଆ ନୂଆ ଟ୍ରେନଲାଇନ ବିଛା ଯିବାର ଅଛି ସେହିପରି କେତେକ ନୂଆ ବସଷ୍ଟାଣ୍ଡ ହେବାର ଅଛି ?

----

## ବିଜ୍ଞାପନ ସଂପର୍କରେ

5792 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟ ସରକାରଙ୍କ ବିଭିନ୍ନ ଖବର କାଗଜ ଓ Electronic media କୁ ଦିଆଯାଇଥିବା ବିଜ୍ଞାପନ ନୀତି କଣ, ବହୁ ସମୟରେ କ୍ଷୁଦ୍ର ଓ ମଧ୍ୟମ daily ଖବରକାଗଜଗୁଡିକ ବିଜ୍ଞାପନ ପାଇବାରେ ସରକାର କଣ ନୀତି କରୁଛନ୍ତି ?

----

## ବାଲି ଚୋରୀ

5793 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ବାଲି, ଲଘୁଖଣିଜ ଦ୍ରବ୍ୟ ଓ ପଥର ଚୋରି ସଂପୂର୍ଣ୍ଣ ବନ୍ଦ କରିବାକୁ ବାଲି ମାଫିଆମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କର କି କି ବ୍ୟବସ୍ଥା ଅଛି ଓ ସେହି ବ୍ୟବସ୍ଥା ଏବେ କିପରି function କରୁଛି?

----

## ଜରିମାନା ରାଶି ଆଦାୟ

5794 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) M. B. Shah Commission ଦ୍ୱାରା ଓଡ଼ିଶାରେ ଘଟିଥିବା ଅବୈଧ ଖଣି ଖନନ ସମ୍ବନ୍ଧରେ ସମ୍ପୃକ୍ତ କମ୍ପାନୀମାନଙ୍କୁ ଯେ ଜରିମାନା ଆଦାୟ କରିବାକୁ ସୁପାରିଶ କରାଯାଇଥିଲା, ସେହି ଜରିମାନା ସମ୍ପୂର୍ଣ୍ଣ ଭାବେ ଆଦାୟ କରାଯାଇଛି କି; (ଖ) ଯଦି ନୁହେଁ, ତେବେ ଏପର୍ଯ୍ୟନ୍ତ ସେହି ଜରିମାନା ରାଶି ଆଦାୟ ନହେବାର କାରଣ କଣ; କେଉଁ କେଉଁ ଖଣି କମ୍ପାନୀମାନେ ଏପର୍ଯ୍ୟନ୍ତ ଜରିମାନା ରାଶି ଜମା କରିନାହାନ୍ତି ଓ ପ୍ରତ୍ୟେକ କମ୍ପାନୀ ବିରୋଧରେ କେତେ ରାଶି ବକେୟା ରହିଛି, ଗତ ଦୁଇ ବର୍ଷ ମଧ୍ୟରେ ଏହିପରି କମ୍ପାନୀମାନଙ୍କ ଠାରୁ ବକେୟା ଜରିମାନା ଆଦାୟ କରିବା ପାଇଁ ସରକାର କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ବକେୟା ରାଶି ଶୀଘ୍ର ଆଦାୟ କରିବା ପାଇଁ ସରକାର କୌଣସି ଆଇନଗତ କିମ୍ବା ବାଧ୍ୟକାରୀ (coercive) ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଛନ୍ତି କି ?

----

## ଜମିହରା ଲୋକମାନଙ୍କୁ କ୍ଷତିପୂରଣ ପ୍ରଦାନ

5795 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Sundargarh ଜିଲ୍ଲାର ଖଣି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ କେତେ ଜଣ ବ୍ୟକ୍ତି ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇନଥାଇ ଅପେକ୍ଷା କରୁଛନ୍ତି, (ଖ) ଯଦି ହଁ ତେବେ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲା ଉପ-ବିଭାଗରେ, ଏପରି ପ୍ରଭାବିତ ବ୍ୟକ୍ତିମାନଙ୍କର ସମୁଦାୟ ସଂଖ୍ୟା କେତେ ଓ ତାହାର ପ୍ରକଳ୍ପ-ଭିତ୍ତିକ ଓ ବ୍ଲକ-ଭିତ୍ତିକ ବିବରଣୀ କଣ, କେଉଁ କେଉଁ ଖଣି କମ୍ପାନୀ କିମ୍ବା ପ୍ରକଳ୍ପ ପାଇଁ କ୍ଷତିପୂରଣ ଦେୟ ଅବଶିଷ୍ଟ ରହିଛି ଓ ଏପର୍ଯ୍ୟନ୍ତ ଦେୟ ଥିବା ମୁଆଁଜାର ମୋଟ ରାଶି କେତେ, ଗତ ଦୁଇ ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲା ଉପ-ବିଭାଗର ଏହିପରି ଜମିହରା ଲୋକମାନଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବା ପାଇଁ ସରକାର କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Audio Visual output ପ୍ରସ୍ତୁତି ପାଇଁ ମୋଟ ରାଶି ବ୍ୟୟ

5796 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୧ ଜୁନ୍ ୨୦୨୪ ରୁ ଆଜି ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ଭିଡିଓ, ଡକ୍ୟୁମେଣ୍ଟାରି ଓ Audio Visual Output (AVO) ପ୍ରସ୍ତୁତି ପାଇଁ ମୋଟ କେତେ ରାଶି ବ୍ୟୟ କରାଯାଇଛି; (ଖ) ଏହି ବ୍ୟୟର ବିଭାଗ ଭିତ୍ତିକ ତଥ୍ୟ କଣ; ଉକ୍ତ କାର୍ଯ୍ୟ ପାଇଁ କେଉଁ କେଉଁ ସଂଗଠନ / ଏଜେନ୍ସୀଙ୍କୁ ଅର୍ଥ ପ୍ରଦାନ କରାଯାଇଛି, ସେଗୁଡ଼ିକର ନାମ, ତିଆରି ହୋଇଥିବା ଭିଡିଓ / AVO ର ବିଷୟ ଓ ପ୍ରଦାନ କରାଯାଇଥିବା ରାଶିର ତଥ୍ୟ କଣ; ଚାଲୁ ଆର୍ଥିକ ବର୍ଷରେ ଏହି ଶିରୋନାମା ଅଧୀନରେ କେତେ ବଜେଟ୍ ବିନିଯୋଗ କରାଯାଇଛି ଓ ଏପର୍ଯ୍ୟନ୍ତ କେତେ ରାଶି ବ୍ୟୟ ହୋଇଛି ?

----

## ସୁନ୍ଦରଗଡ ଜିଲ୍ଲା ପାଇଁ ବଜେଟ ବିନିଯୋଗ

5797 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ତିନିଟି ଆର୍ଥିକ ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ପରିବହନ ବିଭାଗ ଦ୍ୱାରା ମୋଟ କେତେ ପରିମାଣର ବଜେଟ୍ ବିନିଯୋଗ କରାଯାଇଛି; (ଖ) ରାଉରକେଲା ସହିତ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ବସ୍ ଷ୍ଟାଣ୍ଡ, ବସ୍ ଡିପୋ ଓ ପରିବହନ ଢାଞ୍ଚାର ଉନ୍ନତି ପାଇଁ କେତେ ଟଙ୍କା ବ୍ୟୟ କରାଯାଇଛି, ବର୍ତ୍ତମାନ ରାଉରକେଲା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରୁ Odisha State Road Transport Corporation (OSRTC) ଦ୍ୱାରା କେତେ ସଂଖ୍ୟକ ବସ୍ ଚାଲୁ ଅଛି; ଚାଲୁ ଆର୍ଥିକ ବର୍ଷରେ ସୁନ୍ଦରଗଡ଼ ଜିଲ୍ଲାର ପରିବହନ ଢାଞ୍ଚା ଓ ବସ୍ ସେବାର ଉନ୍ନତି ପାଇଁ ସରକାର କେତେ ପରିମାଣର ବଜେଟ୍ ବ୍ୟବସ୍ଥା ପ୍ରସ୍ତାବ କରିଛନ୍ତି ?

----

## ଚିତ୍ରକୋଣ୍ଡା, କୋଲାବ ଓ ଇନ୍ଦ୍ରାବତୀ ଡ୍ୟାମରେ ଜଳପଥ ବିକାଶ

5798 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିତ୍ରକୋଣ୍ଡା, କୋଲାବ ଓ ଇନ୍ଦ୍ରାବତୀ ଡ୍ୟାମ୍‌ରେ ଜଳପଥ ବିକାଶ ପାଇଁ କି ଯୋଜନା ରହିଛି? ବର୍ତ୍ତମାନ କେମିତି ସୁବିଧା ଓ ବ୍ୟବସ୍ଥା ପରିଚାଳିତ ହେଉଛି ଏବଂ କାହା ଦ୍ୱାରା ପରିଚାଳିତ, ପ୍ରକାଶ କରିବେ କି?

----

## KBK ଜିଲ୍ଲାରେ ପ୍ରତି ଘରୋଇ ପରିବାରକୁ ବିଦ୍ୟୁତ ସେବା

5799 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- KBK ଜିଲ୍ଲାରେ ପ୍ରତି ଘରୋଇ ପରିବାରକୁ ବିଦ୍ୟୁତ୍ ସେବା ନ ମିଳିବା ଦିଗରେ ଥିବା ପ୍ରତିବନ୍ଧକଙ୍କୁ ଦୂରୀକରଣ ପାଇଁ କି ଯୋଜନା ରଚିତ ହୋଇଛି, କେଉଁ ଯୋଜନା ଦ୍ୱାରା ବିଦ୍ୟୁତ୍ ସେବା ପ୍ରଦାନ କରାଯାଉଛି, ବିଗତ ୫ ବର୍ଷରେ କି ସଫଳତା ହାସଲ ହୋଇଛି ?

----

## ଅଧିକ୍ଷଣ ଯନ୍ତ୍ରୀ ପଦ ପୂରଣ

5800 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କ୍ଷୁଦ୍ର ଜଳସେଚନ ବିଭାଗରେ ଜଣେ ଜଣେ ଅଧିକ୍ଷଣ ଯନ୍ତ୍ରୀ ୨ରୁ ଊର୍ଦ୍ଧ୍ୱ ଡିଭିଜନରେ ଦାୟିତ୍ୱ ନିର୍ବାହ କରୁଥିବା କାରଣରୁ ଉନ୍ନୟନ ଏବଂ ସରକାରୀ କାର୍ଯ୍ୟରେ ବାଧା ଉପୁଜିଥିବା କାରଣରୁ, କେବେ ସୁଦ୍ଧା ଆବଶ୍ୟକ ଅଧିକ୍ଷଣ ଯନ୍ତ୍ରୀ ପୂରଣ କରିବେ, ମାଲକାନଗିରି ଜିଲ୍ଲାରେ ଥିବା ଚେକଡେମ/MIP (Minor Irrigation Project) ଓ ଏହାଦ୍ୱାରା ଉପକୃତ GP ଚାଷୀ/ଜମି ବିବରଣୀ ପ୍ରଦାନ କରିବେ କି, କେତେ ସ୍ଥାନରେ Check Dam ରହିଛି, କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କାର୍ଯ୍ୟରେ ଲାଗୁ ନାହିଁ, ପ୍ରକାଶ କରିବେ କି; ନଷ୍ଟ ହେଇଥିବା ଚେକଡେମ ଗୁଡିକ ମଧ୍ୟରୁ କେତ ମରାମତି ହେଇଛି ଓ FY 2025-26, ନୂଆ check Dam ନିର୍ମାଣ ପାଇଁ କେତୋଟି ପ୍ରସ୍ତାବ ରହିଛି ଏବଂ କେତେ କେଉଁ ସ୍ଥାନରେ ଚାଲୁଛି ?

----

## ରେଟ ଚାର୍ଟ ପ୍ରଚଳନ

5801 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀରେ ଅଟୋ/କ୍ୟାବ୍‌ଗୁଡ଼ିକରେ ମିଟର୍ ନ ଲାଗିବା କିମ୍ବା ନିର୍ଦ୍ଦିଷ୍ଟ ରେଟ ଚାର୍ଟ ପ୍ରଚଳନ ସହ କ୍ୟାବ୍ ଡ୍ରାଇଭର୍‌ମାନେ ୟୁନିଫର୍ମ ନ ପିନ୍ଧିବାର କାରଣ କଣ ରହିଛି, ଅଟୋ/କ୍ୟାବ୍ ଡ୍ରାଇଭମାନଙ୍କୁ କିପରି ପ୍ରଶିକ୍ଷଣ ସହିତ ଶାଳୀନତା ଓ ଐତିହ୍ୟନଗରୀ ଭୁବନେଶ୍ୱରର କୀର୍ତ୍ତିରାଜି ପ୍ରତି ସଚେତନତା ସୃଷ୍ଟି କରାଯାଇଛି, ଏହିଦିଗରେ କି କାର୍ଯ୍ୟ ଓ ସଫଳତା ହାସଲ ହୋଇଛି ?

----

## ମିଳିତ ମଞ୍ଚ ନିଖିଳ ଓଡିଶା ଠିକାଦାର ସଂଘର ଦାବୀ

5802 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମିଳିତ ମଞ୍ଚ ନିଖିଳ ଓଡ଼ିଶା ଠିକାଦାର ସଂଘର ଆଠଦାଫା ଦାବି ମଧ୍ୟରୁ ବିଶେଷକରି ଦାବି କ୍ରମାଙ୍କ ୭ ରେ ପ୍ରସ୍ତାବିତ ଦରଦାମ ବୃଦ୍ଧିର ହିସାବ 2015 ମସିହାରୁ 2019 ପର୍ଯ୍ୟନ୍ତ ପ୍ରଚଳନ କରାଯାଉ' ଦାବିର ସତ୍ୟତା ରହିଛି କି ?

----

## PRI ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି

5803 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଅଧୀନରେ କେଉଁ କ୍ଷମତା କେବେ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି, 2022 ରୁ ଅଦ୍ୟାବଧି, ରାୟଗଡା ଜିଲ୍ଲାର PRI ସଦସ୍ୟମାନଙ୍କର ଦକ୍ଷତା ବୃଦ୍ଧି ଦିଗରେ କି କାର୍ଯ୍ୟ ସମ୍ପାଦିତ ହୋଇଛି ?

----

## ଖଣି ସର୍ବେକ୍ଷଣ କାର୍ଯ୍ୟ

5804 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଷମକଟକରେ ଏକ ମାଇନିଂ କଲେଜ୍ ସ୍ଥାପନା ଦିଗରେ ପ୍ରସ୍ତାବ ଗ୍ରହଣ ପୂର୍ବକ ରାୟଗଡା ଜିଲ୍ଲାରେ କେଉଁ ସ୍ଥାନରେ ବର୍ତ୍ତମାନ ଖଣି ସର୍ବେକ୍ଷଣ କାହା ଦ୍ୱାରା ଚାଲୁ ରହିଛି, ପ୍ରକାଶ କରିବେ କି, ସର୍ବେକ୍ଷଣ ସମୟରେ ଉପୁଜୁଥିବା ଜନପ୍ରତିରୋଧ ଦୂରୀକରଣ ପାଇଁ କି ବ୍ୟବସ୍ଥା ରହିଛି, ସ୍ପଷ୍ଟ କରିବେ କି, (ଖ) ରାୟଗଡା ଓ କୋରାପୁଟ ଜିଲ୍ଲାରେ ସମସ୍ତ ପ୍ରକାର Blasting କୁ ତଦାରଖ ପାଇଁ ଏକ Sismo Meter ସ୍ଥାପନାର ଆବଶ୍ୟକତା ଥିବା ସ୍ଥଳେ ବିଳମ୍ବର କାରଣ କଣ ?

----

## ଲୋକ ସୂଚନା ଓ ସଚେତନତା କାର୍ଯ୍ୟକ୍ରମ

5805 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ୩ ବର୍ଷରେ ବିଷମକଟକ ନିର୍ବାଚନ ମଣ୍ଡଳୀରେ ଲୋକ ସୂଚନା ଓ ସଚେତନତା ଦିଗରେ କିପରି କାର୍ଯ୍ୟକ୍ରମଗୁଡ଼ିକ ଚାଲିଥିଲା ?

----

**CMSA Scheme ରେ ଅନୁଦାନ**

5806 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- CMSA Scheme ରେ ନୂତନ ସରକାର ଆସିବା ପର ଠାରୁ କେଉଁ ବିଧାୟକ ଙ୍କୁ କେତେ ଟଙ୍କାର ଅନୁଦାନ ଦିଆ ଯାଇଛିସ, ଉକ୍ତ ଯୋଜନା ଦ୍ୱାରା ସବୁ ନିର୍ବାଚନ ମଣ୍ଡଳୀକୁ ସରକାର ସମାନ ଅନୁଦାନ ଦେବା କଥା କି ?

----

**ବାଲିଖାଦାନ ନିର୍ଦ୍ଧାରିତ**

5807 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କୋରାପୁଟ ଜିଲ୍ଲା ଅନ୍ତର୍ଗତ କେଉଁ ବ୍ଲକର କେଉଁ କେଉଁ ନଦୀ ଶଯ୍ୟାରେ ସରକାରୀଭାବେ ମୋଟ କେତେଗୋଟି ବାଲି ଖାଦାନ (ଘାଟ) ନିର୍ଦ୍ଧାରିତ ହୋଇଛି, ଗତ ୫ ବର୍ଷ ମଧ୍ୟରେ ସେହି ବାଲି ଖାଦାନ ଗୁଡିକରୁ କେତେ ବାଲି ଉତ୍ତୋଳନ ହେଇଛି ; ଉକ୍ତ ବାଲି ବିକ୍ରୟ କରି ସରକାର କେତେ ଅର୍ଥ ଆଦାୟ କରିଛନ୍ତି, ଏହାର ବିବରଣୀ ବର୍ଷୱାରୀ ଓ ଖାଦାନ ୱାରୀ (ଘାଟ) ପ୍ରଦାନ କରିବେ କି, (ଖ) କୋରାପୁଟ ଜିଲ୍ଲାର ବାଲି ଖାଦାନ ଗୁଡିକରୁ ବାଲି ଚୋରାଚାଲାଣ ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଥାଏ, ତେବେ ଗତ ୫ ବର୍ଷ ମଧ୍ୟରେ ଏହା ସମ୍ବନ୍ଧରେ କେତେଜଣଙ୍କୁ ଧରାଯାଇଛି ଏବଂ ସେମାନଙ୍କଠାରୁ କେତେ ଜରିମାନା ଆଦାୟ କରାଯାଇଛି ?

----

**ପଥର କ୍ରସର ସମ୍ପର୍କରେ**

5808 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେ ଗୋଟି ପଥର କ୍ରସର ଅଛି; କାହା ମାଲିକାନାରେ ଅଛି, କେତେ ଗୋଟି ଚାଲୁ ଅଛି ଓ କେତେ ଗୋଟି ବନ୍ଦ ଅଛି, ଉକ୍ତ କ୍ରସର ଦ୍ୱାରା ସ୍ଥାନୀୟ ଅଞ୍ଚଳରୁ ବାୟୁ ପ୍ରଦୂଷଣ, ମୃତିକା ପ୍ରଦୂଷଣ, ଶବ୍ଦ ପଦୂଷଣ ଓ ଜଳ ପଦୂଷଣ ହେଉଥିବା ପରିପେକ୍ଷୀରେ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ସରକାର ଏଦିଗରେ ପଦକ୍ଷେପ ନେଉନଥିବାର କାରଣ କଣ, ପ୍ରତ୍ୟେକ କ୍ରସର କେତେ ଏକର (ପ୍ଲଟ ନଂ ବିବରଣୀ) ଜମି ଓ ବାର୍ଷିକ କେତେ ପରିମାଣର ପଥର ବିକ୍ରି ପାଇଁ ଅନୁମତି ପାଇଛନ୍ତି, ଗତ ପାଞ୍ଚ ବର୍ଷରେ କିଏ କେତେ ବିକ୍ରି କରିଛନ୍ତି, ଧାର୍ଯ୍ୟ ପରିମାଣ ରୁ ଅଧିକ ବିକ୍ରି କରୁଥିଲେ ସେମାନଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ?

----

## ପଥର ବିକ୍ରୀ

5809 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲକ୍ଷ୍ୟୀପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରେଳ ବିଭାଗ ଦ୍ୱାରା ଉତ୍ତୋଳନ ହେଇଥିବା ପଥର ଗଦାକୁ କେଉଁ ନିୟମ ଆଧାରରେ ସ୍ଥାନୀୟ ଲୋକ ବିକ୍ରି କରୁଛନ୍ତି, ଏହା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ଅଛନ୍ତି, ତାହେଲେ କାହାକୁ କେଉଁ କେଉଁ ସ୍ଥାନର ପଥର ବିକ୍ରି ପାଇଁ; ଘନ ମିଟର ପିଛା କେତେ ଟଙ୍କା ରେ; କେତେ ପରିମାଣର (ଘନ ମିଟର ଅନୁସାରେ) ପଥର ଓ କେତେ ଦିନ ପାଇଁ କାହାକୁ ଅନୁମତି ଦେଇଛନ୍ତି ?

----

## ଆଇନ ପରିବର୍ତ୍ତନ

5810 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଧାୟକମାନଙ୍କୁ ପ୍ରଦାନ କରାଯାଇଥିବା ବିଧାୟକ ପଣ୍ଡିରୁ, 50,00,000/- ଟଙ୍କା ରେ ସ୍କୁଲ ମାନଙ୍କର ଶ୍ରେଣୀ ଗୃହ ଓ 50,00,000/- ଟଙ୍କାରେ ଗ୍ରାମାଞ୍ଚଳ ରାସ୍ତା କାମ କରିବା ନିମନ୍ତେ ସରକାର ନିୟମ ତିଆରି କରିଥିବାରୁ ସ୍କୁଲ ଗୃହ କିମ୍ବା ରାସ୍ତା କାର୍ଯ୍ୟ ନିମନ୍ତେ ଜନ ସାଧାରଣଙ୍କ ଅଧିକା ଦାବି କରୁଥିବାରୁ ବିଧାୟକ ପାଣ୍ଠି ଦିଆଯାଇ ପାରୁନାହିଁ, ତେଣୁ ଉକ୍ତ ଆଇନକୁ ପରିବର୍ତ୍ତନ କରି ସ୍କୁଲ କିମ୍ବା ଗ୍ରାମାଞ୍ଚଳ ରାସ୍ତା ଗୁଡିକୁ ଏକ କୋଟି ଟଙ୍କାକୁ ବୃଦ୍ଧି କରାବା ନିମନ୍ତେ ନିୟମ ପ୍ରଣୟନ କରିବେ କି ?

----

## ପାଠାଗାର ନିର୍ମାଣ

5811 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ସଦର ମହକୁମା (Headquarter) ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ବିପ୍ଳବୀ ଧରଣିଧର ଭୂୟାଁ ଙ୍କ ନାମରେ ଏକ ସ୍ୱତନ୍ତ୍ରଭାବେ ପାଠାଗାର ନିର୍ମାଣ କରିବା ନିମନ୍ତେ ବିଭାଗ ବିଧିବଦ୍ଧ ପଦକ୍ଷେପ ନେଇ ନିର୍ମାଣ କଲେ ଜିଲ୍ଲାର ବହୁ ଜନ ସାଧାରଣ ଉପକୃତ ହୋଇ ପାରିବେ, ତେଣୁ ସରକାର ଆସନ୍ତା ଆର୍ଥିକ ବର୍ଷରେ ପାଠାଗାର ନିର୍ମାଣ କରିବା ନିମନ୍ତେ ବିଧିବଦ୍ଧ ପଦକ୍ଷେପ ନେବେ କି ?

----

## ପଟୁମାଟି ହଟାଇବା ପାଇଁ ପଦକ୍ଷେପ

5812 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର କାନଝର ଡ୍ୟାମରେ ବର୍ତ୍ତମାନ ନଦୀ ଜଳର ପଟୁମାଟି ଦ୍ୱାରା ଡ୍ୟାମର ଗର୍ଭ ପୋତି ହୋଇ ଯାଉଥିବାରୁ ଜଳ ଧାରଣ କ୍ଷମତା ମଧ୍ୟ ଦିନକୁ ଦିନ ହ୍ରାସ ପାଉଥିବାରୁ ରବି ଋତୁରେ ଧାର୍ଯ୍ୟ ଅନୁସାରେ ଯଥେଷ୍ଟ ଅଞ୍ଚଳକୁ ଜଳ ସେଚନ ସୁବିଧା ହୋଇ ପାରୁ ନଥିବା ସତ୍ୟ କି, ଯଦି ଉତ୍ତର ହଁ ହୁଏ,ତେବ, ଉକ୍ତ ନଦୀର କାନଝର ଡ୍ୟାମ ନଦୀ ଗର୍ଭରୁ ଅତ୍ୟାଧୁନିକ ଜ୍ଞାନ କୌଶଳ ବଳରେ ପଙ୍କ ମାଟି ହଟାଇ ଡ୍ୟାମର ଜଳ ସାଧାରଣ କ୍ଷମତା ବଢାଇବା ସଙ୍ଗେ ସଙ୍ଗେ ରବି ଋତୁରେ ଜଳ ସେଚନ ସୁବିଧା ଯୋଗାଇ ଦେବା ପାଇଁ ପଦକ୍ଷେପ ନେବେ କି ?

----

## ଭୂତଳ ଜଳର ବିଶ୍ଳେଷଣ

5813 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡିଶାର ଭୂତଳ ଜଳରେ ପଥର, କଙ୍କଣ, ବାଲି ଓ ଅନ୍ୟାନ୍ୟ ବହିର୍ବସ୍ତୁତର ମିଶ୍ରଣ କେତେ ପରିମାଣରେ ରହିଅଛି ତାର କୌଣସି ବିଶ୍ଳେଷଣ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଅଛି କି ?

----

## ଭୂତଳ ଜଳ ଦୂଷିତ

5814 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଆମ ରାଜ୍ୟରେ ଶିଳ୍ପ ତଥା କଳ-କାରଖାନାମାନଙ୍କରୁ ବାହାରୁଥିବା ଦୂଷିତ ଜଳ ଏବଂ ଅନ୍ୟ ବର୍ଜ୍ୟବସ୍ତୁ ଯୋଗୁଁ ଭୂତଳ ଜଳ ଦୂଷିତ ହେଉଥିବା ସମ୍ପର୍କରେ କୌଣସି ଅନୁସନ୍ଧାନ ଓ ଅନୁଶୀଳନ ହୋଇ ଅଛି କି, ଯଦି ହଁ ତାର ଫଳାଫଳ ସମ୍ପର୍କରେ ଜିଲ୍ଲାୱାରୀ ଓ ବ୍ଲକୱାରୀ ବିବରଣୀ ଦେବେ କି, (ଖ) ଏହାର ନିରାକରଣ ପାଇଁ ଗତ ପାଞ୍ଚ ବର୍ଷ ମଧ୍ୟରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ତାର ଫଳା ଫଳ କଣ ?

----

## ଖଣି ପ୍ରକଳ୍ପ ପାଇଁ ବାସଚ୍ୟୁତଙ୍କ ସଂଖ୍ୟା

5815 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବିଭିନ୍ନ ଖଣି ପ୍ରକଳ୍ପ ପାଇଁ କେତେ ପରିବାର/କେତେ ଜଣ ବାସଚ୍ୟୁତ ଓ ଭୂମି-ହରା ହୋଇଛନ୍ତି, (ଖ) ସେମାନଙ୍କର ପୁନର୍ବସତି ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରା ହୋଇଅଛି, ଏ ବାବଦରେ କେତେ ଅର୍ଥ ଆବଶ୍ୟକ ଓ କେତେ ମଞ୍ଜୁର ହୋଇଥିଲା ଏବଂ କେତେ ଖର୍ଚ୍ଚ ହୋଇଅଛି ?

----

## Number of Blocks and Panchayat affected by Drought

5816 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In the Current Year 2024-25, During the kharif season, How many blocks and Panchayats are affected by drought, How many blocks and panchayats have been officially declared as drought affected by the state Government a detailed List be provided ?

----

**Canal Constructed in Gajapati District**

**5817 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- For the Facilitation of Irrigation, How many kilometres of Canals have been Constructed in Gajapati District during the last three financial years, How many acres of land have benefited from these canal construction , can the Government provide block wise details of canal construction and land coverage, for the current financial year, how much fund has been allocated to different blocks in Gajapati District for Irrigation and related works?

----

**Possession of Land for Mining Activities**

**5818 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Which companies have been granted possession of land for a specified period for mining activities, and what types of minerals are being mined in which districts of the state, (b) Is there any limit on the quantity of minerals that can be mined, or can the concerned companies undertake unlimited mining, which companies have mined minerals beyond the permitted quantities, and how much revenue has the state lost due to this, whether any action has been taken against such companies for exceeding permitted mining Limits, an besides lease mining, how much Illegal mining has taken place, from which mining areas, and how much revenue the state government has lost due to such Illegal mining ?

----

**ଅନୁଦାନ ରାଶିର ସଠିକ୍ ବିନିଯୋଗ**

**5819 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- (କ) ୧୫ମ ଅର୍ଥ କମିଶନ ଅନୁସାରେ ୨୦୨୧—୨୬ ଅବଧି ପାଇଁ ଭଦ୍ରକ ଜିଲ୍ଲାର ପଞ୍ଚାୟତ, ବ୍ଲକ୍ ଏବଂ ପୌରସଭାଗୁଡିକୁ ମୋଟ କେତେ ଅର୍ଥରାଶି ଅନୁମୋଦନ ଓ ମୁକ୍ତ କରାଯାଇଛି ; (ଖ) ଏହି ଅନୁଦାନରେ ଭଦ୍ରକ ଜିଲ୍ଲାରେ କେଉଁ କେଉଁ ମୌଳିକ ସୁବିଧାମୂଳକ ପ୍ରକଳ୍ପ ଅନୁମୋଦନ ଓ କାର୍ଯ୍ୟକରୀ ହେଉଛି ଏବଂ ସେଗୁଡିକର ବର୍ତ୍ତମାନ ସ୍ଥିତି କ'ଣ, ଭଦ୍ରକ ଜିଲ୍ଲାର ଦ୍ରୁତ ନଗରୀକରଣ ଓ ଗ୍ରାମୀଣ ବିକାଶ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୫ମ ଅର୍ଥ କମିଶନ ଅନୁଦାନର ସଠିକ୍ ଓ ତ୍ୱରିତ ବ୍ୟବହାର ପାଇଁ ସରକାର କୌଣସି ବିଶେଷ Monitoring ଏବଂ Implementation Mechanism ରଖିଛନ୍ତି କି ?

----

## ଜଳ ସେଚନ ବ୍ୟବସ୍ଥା

5820 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ː**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- ଓଡିଶା ପାଣି ନିୟମ 2003 ଆଧାରରେ କେଉଁ ଜିଲ୍ଲାରେ କେତୋଟି ପାଣି ପଞ୍ଚାୟତ ଗଠନ ହୋଇଛି ଏଥିରେ ଥିବା କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ କେତେ, ଏହାକୁ ପୁନଃଗଠନ କରି ଏହା ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ସୁସମ୍ପାଦନ ସହ ଜଳବଣ୍ଟନ ସୁବ୍ୟବସ୍ଥିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମାନବ ସମ୍ବଳ ବୃଦ୍ଧି ନିମନ୍ତେ ପଦକ୍ଷେପ

5821 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ଭଦ୍ରକ ଜିଲ୍ଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଅମିନ ଓ ଅନ୍ୟାନ୍ୟ ବର୍ଗର କର୍ମଚାରୀ ପଦବୀ ମଧ୍ୟରୁ କେତେ ପଦବୀ ବର୍ତ୍ତମାନ ଖାଲି ଅଛି, ଏହାର ତହସିଲୱାରୀ ସବିଶେଷ ତାଲିକା ପ୍ରଦାନ କରିବେ କି ; (ଖ) ଉକ୍ତ ଖାଲି ପଦବୀଗୁଡ଼ିକ ପୂରଣ ପାଇଁ ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ଓ କେବେ ସୁଦ୍ଧା ସେଗୁଡ଼ିକ ପୂରଣ କରାଯିବାକୁ ଯୋଜନା ରହିଛି, ଅମିନଙ୍କ ଅଭାବ ହେତୁ ଜମି ଚିହ୍ନଟ ଓ ମାପ କରିବା କାର୍ଯ୍ୟ ବର୍ଷବର୍ଷ ଧରି ବିଳମ୍ବିତ ହେଉଥିବା ପରିପ୍ରେକ୍ଷୀରେ ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ କେଉଁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି, ଭୂମି ସମ୍ପର୍କିତ ସେବାଗୁଡ଼ିକୁ ଶୀଘ୍ର ଓ କାର୍ଯ୍ୟକ୍ଷମ କରିବା ପାଇଁ ତହସିଲ କାର୍ଯ୍ୟାଳୟଗୁଡ଼ିକରେ ମାନବ ସମ୍ବଳ ବୃଦ୍ଧି କରିବାକୁ ସରକାରଙ୍କ ଆଗାମୀ କାର୍ଯ୍ୟଯୋଜନା କଣ ?

----

## ଭୂମିହୀନ ପରିବାରଙ୍କ ସଂଖ୍ୟା

5822 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ː**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାର ସିମୁଳିଆ ନିର୍ବାଚନ ମଣ୍ଡଳୀ ରେ କେତେ ଭୂମିହୀନ ପରିବାର ଚିହ୍ନଟ ହୋଇଛନ୍ତି ତନ୍ମଧ୍ୟରୁ କେତେଜଣ ପରିବାରକୁ ବିଗତ ୩ ବର୍ଷ ମଧ୍ୟରେ ଜମିପଟ୍ଟା ପ୍ରଦାନ କରାଯାଇଛି ଓ ଅବଶିଷ୍ଟ ଭୂମିହୀନ ମାନଙ୍କୁ କେବେ ସୁଦ୍ଧା ପଟ୍ଟା ପ୍ରଦାନ କରିବେ ?

----

## ବାଲେଶ୍ୱର ଜିଲ୍ଲାକୁ ଆସିଥିବା DME Fund ର ପରିମାଣ

5823 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ 5 ବର୍ଷରେ ବାଲେଶ୍ୱର ଜିଲ୍ଲାକୁ DMF Fund କେତେ ଆସିଛି, ଏବଂ ଉକ୍ତ ଟଙ୍କାରୁ 5 ବର୍ଷ ମଧ୍ୟରେ କେତେ ପ୍ରତିଶତ ଖର୍ଚ୍ଚ ହୋଇଛି, ଅଦ୍ୟାବଧି କେତେ ଟଙ୍କା ଖର୍ଚ୍ଚ ନହେଇ ଗଚ୍ଛିତ ଅଛି, ଏହି ପରିପ୍ରେକ୍ଷୀରେ ସିମୁଳିଆ ନିର୍ବାଚନ ମଣ୍ଡଳୀରୁ କେତେ ଟଙ୍କା ଆଦାୟ ହୋଇଛି ଓ କେତେ ଟଙ୍କା କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଛି, ଅବଶିଷ୍ଟ ବଳକା ଟଙ୍କାକୁ କେବେ ସୁଦ୍ଧା ଜିଲ୍ଲାପାଳ ଖର୍ଚ୍ଚ କରିବାପାଇଁ ପ୍ରସ୍ତାବ ରଖିଛନ୍ତି ?

----

## ଗଙ୍ଗୁଆ ନଦୀର ପ୍ରଦୂଷଣ ସ୍ତର

5824 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜଧାନୀ ଭୁବନେଶ୍ୱରରେ ପ୍ରବାହିତ ଗଙ୍ଗୁଆ ନଦୀର ପ୍ରଦୂଷଣ ସ୍ତର କେତେ, କେଉଁ ବର୍ଜ୍ୟଗୁଡିକ ଏଥିରେ ମିଶୁଛି, ଗଙ୍ଗୁଆ ବର୍ଜ୍ୟ ଦୟାନଦୀରେ ମିଶୁଛି କି, ଯଦି ହଁ, ତେବେ ମିଶ୍ରଣ ସ୍ଥଳରେ ବିଶୋଧନଗାର କରିବେ କି ?

----

## ଜଳସେଚନ ସୁବିଧା ପ୍ରଦାନ

5825 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ଚାଷ ଜମିକୁ ଏପର୍ଯ୍ୟନ୍ତ ଜଳସେଚନ ସୁବିଧା ପହଞ୍ଚି ପାରିନି ଜିଲ୍ଲାୱାରି ତଥ୍ୟ ଦେବେ କି ଅମଜଳସେଚିତ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବାରେ କେଉଁଠି ରହିଛି ସମସ୍ୟା, 2000 ମସିହାରେ ଅଣଜଳସେଚିତ ଚାଷ ଜମିର ପରିମାଣ, 2024ରେ ଅଣଜଳସେଚିତ ଚାଷ ଜମିର ପରିମାଣ କେତେ ରହିଥିଲା କେବେ ସୁଦ୍ଧା ସମସ୍ତ ଅଣଜଳସେଚିତ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ଲକ୍ଷ ରଖିଛନ୍ତି ?

----

## ଶାଖା ଅଫିସ ଖୋଲିବା ପାଇଁ ପଦକ୍ଷେପ

5826 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁଝରେ ଜିଲ୍ଲା ସଦର ମହକୁମାଠାରୁ Anandapur Sub-division head quarter ଦୂରତା ଦୃଷ୍ଟିରୁ ଏବଂ ଏଠାରେ ଜିଲ୍ଲାର ସର୍ବାଧିକ ଥିବା ଗାଡି ଥିବା ଦୃଷ୍ଟିରୁ Anandapur ଠାରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଫିସର ଏକ ଶାଖା ଅଫିସ ବା camp ଅଫିସ ଖୋଲା ପାଇଁ ନିରନ୍ତର ଦାବିର କି ବିଚାର କରିଛନ୍ତି, ଏଭଳି ଗୋଟେ ଶାଖା ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେବେ କି ?

----

## ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ

5827 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମଗ୍ର କେଉଁଝର ଜିଲ୍ଲାରେ 2024 ସୁଦ୍ଧା କେଉଁ କେଉଁ ଠାରେ କେତେଗୋଟି ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମିତ ବା କାର୍ଯ୍ୟକ୍ଷମ ଥିଲା, ନୂଆ ସରକାର ଆସିବା ପରେ ସମଗ୍ର ରାଜ୍ୟରେ କେଉଁ ଜିଲ୍ଲାରେ କେତେ କେତେ ବାତ୍ୟା ଆଶ୍ରୟ ନିର୍ମିତ ହୋଇଛି ବା ନିର୍ମାଣ ବ୍ୟବସ୍ଥା ହୋଇଛି ଜଣାଇବେ କି ?

----

## ମେଗା ଜଳସେଚନ ପ୍ରକଳ୍ପ ସ୍ଥାପନ

5828 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ତୁରେକେଲା ବ୍ଲକ ଏକ ମରୁଡି ପ୍ରବଣ ବ୍ଲକ ହୋଇଥିବା ତଥା ପର୍ଯ୍ୟାପ୍ତ ଜଳସେଚନ ସୁବିଧା ଅଭାବରୁ ଏହି ଅଞ୍ଚଳର ଚାଷୀଭାଇ ମାନେ ପ୍ରତିବର୍ଷ ଅନ୍ୟ ରାଜ୍ୟକୁ ଜୀବିକା ନିର୍ବାହ ପାଇଁ ଯିବାକୁ ବାଧ୍ୟ ହୋଇଥାନ୍ତି, ଏହି ସମସ୍ୟାକୁ କିଛିମାତ୍ରାରେ ପ୍ରତିହତ କରିବାକୁ ତୁରେକେଲା ବ୍ଲକରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ସରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡିଥିବା ଗଞ୍ଜାଉଡାର, ମହନିଲହ, ବୁଢିବାହାଲ, ବେନିଆମାଲ, ଗୋଇନ୍ଦିମାଲ, ବାଂଜିପାଲି ମାଇନ୍ସ, ବଡଡକଲା ଗ୍ରା.ପ. ରେ ସ୍ଥିତ ରାଜୁ ମାଇନ୍ସ ଏବଂ ମୁରିବାହାଲ ବ୍ଲକର ସର୍ଦ୍ଧାପୁର, ଜମୁନା ଓ ଘୁଷୁରାମୁଣ୍ଡା ମାଇନ୍ସରେ ପ୍ରଚୁର ମାତ୍ରାରେ ଗଚ୍ଛିତ ଥିବା ଜଳକୁ ଅଂଚଳର ଚାଷଜମି ଗୁଡିକୁ ଜଳସେଚିତ କରିବା ନିମନ୍ତେ ସେଠାରେ ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ କି ?

----

## ସରକାରୀ ଜମି ଆବଣ୍ଟନ

5829 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ 10 ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା ଓ ମୁରିବାହାଲ ତହସିଲ ଅଧିନସ୍ଥ କେଉଁ କେଉଁ ଗ୍ରାମର ସରକାରୀ/ ବେସରକାରୀ ଶିକ୍ଷା ଅନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ତଥା ଅନ୍ୟାନ୍ୟ ସରକାରୀ/ ବେସରକାରୀ ଅନୁଷ୍ଠାନ କିମ୍ବା ସଂସ୍ଥା ଗୁଡିକୁ କେଉଁ ଉଦ୍ଦେଶ୍ୟ ପାଇଁ କେଉଁ ସ୍ଥାନର କେତେ ପରିମାଣର ସରକାରୀ ଜମି ଆବଣ୍ଟନ କରାଯାଇଛି କିମ୍ବା ଲିଜ୍ ସୁତ୍ରରେ ପ୍ରଦାନ କରାଯାଇଛି ?

----

## ବଡଚଣା ବ୍ଲକରେ ଜଳସେଚନ ସୁବିଧା

5830 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି ପାଇଁ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ବଡ଼ଚଣା ବ୍ଲକରେ କେତେ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇଛି ; (କ) ବଡ଼ଚଣା ବ୍ଲକ ଦେଇ ଯାଇଥିବା ବିଭିନ୍ନ କେନାଲ୍‌ର Tail end ପର୍ଯ୍ୟନ୍ତ ଜଳ ପହଞ୍ଚିନପାରିବା ଯୋଗୁଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ସରକାରଙ୍କ ଅବଗତ ଅଛି କି, କେନାଲ୍‌ର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବା ନିଶ୍ଚିତ କରିବା ପାଇଁ ସରକାର କେଉଁ ସବୁ ବୈଷୟିକ ବ୍ୟବସ୍ଥା କିମ୍ବା କେନାଲ୍ ସଂସ୍କାର କାର୍ଯ୍ୟ ଗ୍ରହଣ କରିଛନ୍ତି କିମ୍ବା କରିବାକୁ ଯୋଜନା ରଖିଛନ୍ତି ; (ଖ) କେନାଲ୍‌ର ପରିଚାଳନା ଏବଂ ଶେଷ ମୁଣ୍ଡକୁ ପାଣି ପହଞ୍ଚାଇବା ପାଇଁ 'ପାଣି ପଞ୍ଚାୟତ' ଗୁଡ଼ିକୁ ସରକାରଙ୍କ ପକ୍ଷରୁ କି ପ୍ରକାର ସହଯୋଗ କିମ୍ବା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ?

----

## ଖଣି ଲିଜ୍ ରଦ୍ଦ କରିବା ସମ୍ପର୍କରେ

5831 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୦ ମସିହାରେ ନିଲାମ ହୋଇଥିବା ଲୌହ ପଥର ଖଣି ଗୁଡ଼ିକ ମଧ୍ୟରୁ କେତୋଟି ଖଣିରେ ପୂର୍ବ ତୁଳନାରେ ଉତ୍ପାଦନ ହ୍ରାସ ପାଇଛି, ଏହାର ଖଣିୱାରୀ ଓ ବର୍ଷୱାରୀ ତୁଳନାତ୍ମକ ବିବରଣୀ ପ୍ରଦାନ କରିବେ କି ; (କ) ଉତ୍ପାଦନ ହ୍ରାସ ପାଇବାରୁ ଗତ ଚାରି ବର୍ଷ ମଧ୍ୟରେ ରାଜ୍ୟ ସରକାର 'ପ୍ରିମିୟମ୍' ଓ 'ରୟାଲଟି' ବାବଦରେ କେତେ ରାଜସ୍ୱ ହରାଇଛନ୍ତି ; (ଖ) ଅଧିକ ପ୍ରିମିୟମ୍ ଦେବା ଭୟରେ କିଛି ଲିଜଧାରୀ ଉଦ୍ଦେଶ୍ୟ ମୂଳକ ଭାବେ ଉତ୍ପାଦନ କମାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରୁଥିବା କଥା ସରକାରଙ୍କ ନଜରକୁ ଆସିଛି କି, ଯଦି ଏହା ସତ୍ୟ, ତେବେ MMDR Act ଅନୁଯାୟୀ ସମ୍ପୃକ୍ତ ଖଣିର ଲିଜ୍ ରଦ୍ଦ କରିବା କିମ୍ବା ଜରିମାନା ଆଦାୟ ପାଇଁ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## Incomplete Projects under MLA LAD

5832 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) whether incomplete community-based small projects taken up earlier under different Government schemes can be taken up and completed under the MLALAD Scheme; if so, the details of provisions available in the guidelines for taking up such incomplete projects under MLALAD; (b) whether the Government propose to issue or revise the existing guidelines to facilitate completion of such incomplete community-based projects through MLALAD; and if so, the details thereof and the steps taken by the Government in this regard ?

----

## Settlement of Land Records

5833 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether it is a fact that many Government offices in the State have been constructed and are functioning on private, Scheduled Tribe (ST) and Scheduled Caste (SC) land without formal settlement of land records; if so, the details thereof indicating the number of such Government offices functioning on private, ST and SC land in the State, district-wise ; (b) whether the Government propose to regularise such lands by providing adequate compensation to the land owners or by allotting alternate land in order to avoid future legal complications regarding ownership of the infrastructure created by the Government; and if so, the steps taken or proposed to be taken by the Government in this regard ?

----

## Check Dam ନିର୍ମାଣ

5834 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ ) କାଂଶ ବାଂଶ ନଦୀବନ୍ଧର ଉଚ୍ଚତା କମ ଥିବାରୁ ଓ ନଦୀବନ୍ଧ ଦୁର୍ବଳ ଯୋଗୁଁ ବର୍ଷା ସମୟରେ ବନ୍ୟା ଜଳ ନିକଟବର୍ତୀ ନଦୀ ଓଡ଼ିଶାରେ କୂଳିଆ ଅଞ୍ଚଳ ଗୁଡ଼ିକରେ ପ୍ରବେଶ ଦ୍ୱାରା ନଦୀକୂଳରେ ବସବାସ କରୁଥିବା ଲୋକ କ୍ଷତିଗ୍ରସ୍ତ ହୋଇ ନଦୀ ଭିତରକୁ ଯିବାକୁ ବସିଲାଣି, ସରକାର ଏହାର ପ୍ରତିକାର ପାଇଁ କି କି ପଦକ୍ଷେପ କେଉଁ ଅଞ୍ଚଳ ପାଇଁ ନେବେ ଏବଂ କେବେସୁଦ୍ଧା କାଂଶବାଂଶ ନଦୀର ଖନନ କାର୍ଯ୍ୟ ଆରମ୍ଭ କରାଯିବ ଓ କେବେସୁଦ୍ଧା ନଦୀ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେ କି ; (ଖ) ଅଣତାରକା ପ୍ରଶ୍ନ 1537, ତା.22.09.2025 ର ଉତ୍ତର ପରିପ୍ରେକ୍ଷୀରେ କାଂଶବାଂଶ ନଦୀର ଏକ check dam କେବେସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ଓ ଏହି check dam ନିର୍ମାଣ ପାଇଁ ବିଭାଗ ଦ୍ୱାରା କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ଓ ଆଗକୁ କଣ କଣ ପଦକ୍ଷେପ ଗ୍ରହଣ କରାଯିବ ?

----

## 11 ଦଫା ଦାବୀ ପୂରଣ

5835 **ଶ୍ରୀ ମାଧବ ଧଡା (ସୋରୋ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ ) ଓଡିଶା ଡ୍ରାଇଭର ମହାସଂଘକୁ 11 ଦଫା ଦାବି ପୂରଣ ପାଇଁ ବାରମ୍ବାର ପ୍ରତିଶୃତି ଦେଇ ପୂରଣ ନ କରିବାର କାରଣ କଣ, ରାଜ୍ୟର ଡ୍ରାଇଭର ମହାସଂଘର ବିଭିନ୍ନ ଦାବୀ ସମ୍ବନ୍ଧେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର 'ହଁ' ହୁଏ, ତେବେ ଡ୍ରାଇଭର ମହାସଂଘର ଦାବୀ ପତ୍ରର ଏକ ତଥ୍ୟ ଉପସ୍ଥାପନ କରି ସଂଘର ଯୁକ୍ତିଯୁକ୍ତ ଦାବୀ ପୂରଣ କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସ୍ପଷ୍ଟିକରଣ ଦେବେ କି ; (ଖ) କର୍ତ୍ତବ୍ୟରେ ଥିବା ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା କିମ୍ବା ଆଘାତ ସମସ୍ୟା ଯୋଗୁଁ ଚାକିରୀ ହରାଇ ଆୟ ବନ୍ଦ ହୋଇଯିବା କାରଣରୁ ସୃଷ୍ଟି ହେବାକୁଥିବା ସ୍ଥିତି ଓ ବୃଦ୍ଧାବସ୍ଥା କିମ୍ବା ଅବସର ସମୟ ଲାଗି ଡ୍ରାଇଭର ମାନଙ୍କୁ ସାମାଜିକ ସୁରକ୍ଷା ପରିସରକୁ ଆଣି ସେମାନଙ୍କର ଯୁକ୍ତିଯୁକ୍ତ ଦାବୀ ପୂରଣ ସହ ବୀମାର ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବେ କି ?

----

## ଖଣି ଉତ୍ତୋଳନ

5836 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ୨୦୨୧ ଠାରୁ ଆଜି ସୁଦ୍ଧା ରାୟଗଡ଼ା ଜିଲ୍ଲାରୁ କେଉଁ ଖଣିରୁ କେତେ ଖଣିଜ ସମ୍ପଦ କେଉଁ ବର୍ଷ କେତେ ଉତ୍ତୋଳନ କରାଯାଇଛି ; (ଖ) ଗତ ୨୦୨୧ ଠାରୁ ଆଜି ସୁଦ୍ଧା ଜିଲ୍ଲା ଖଣିଜ ପାଣ୍ଠିକୁ (DMF) କେଉଁ ବର୍ଷ କେତେ ଅର୍ଥ ପ୍ରଦାନ କରିଛନ୍ତି, ଗତ ୨୦୨୧ ଠାରୁ ଆଜି ସୁଦ୍ଧା ଜିଲ୍ଲାରେ ଖଣିଜ ସମ୍ପଦ ଦ୍ୱାରା କାରଖାନା, ଖନନ ସଂସ୍ଥାକୁ କେଉଁ ବର୍ଷ କେତେ ଲାଭ ହୋଇଛି, ସେହି ଲାଭାଂଶ ନେଇ କେଉଁ ବର୍ଷ କେତେ ପାରିପାର୍ଶ୍ୱିକ ଉନ୍ନୟନ ମୂଳକ କାର୍ଯ୍ୟ କରିଛନ୍ତି ?

----

## ଲଘୁ ଖଣିଜ ପରିଚାଳନା

5837 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯୋଗୁଁ ରାୟଗଡା ଜିଲ୍ଲାରେ ବିଗତ ୧୦ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ଗତ ଲଘୁ ଖଣିଜ ପଦାର୍ଥ କେଉଁ ପ୍ରକଳ୍ପରେ କେତେ ପରିମାଣରେ ଖନନ କରାଯାଇଅଛି, ସେହି ମୂଲ୍ୟବାନ ପଦାର୍ଥ ଗୁଡିକୁ କିଭଳି କାହା ଦ୍ୱାରା କେତେ ପରିମାଣରେ ବ୍ୟବହାର କରାଯାଇଅଛି ଓ ସମୁଦାୟ ଖନନ ହୋଇଥିବା ପଦାର୍ଥ ଗୁଡିକୁ କିଭଳି ପରିଚାଳନା କରାଯାଇଅଛି ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି, ଲଘୁ ଖଣିଜ ପଦାର୍ଥମାନ ଖନନ ପରେ କେଉଁ କେଉଁ ପ୍ରକଳ୍ପରେ କେତେ ପରିମାଣର ଓ କେତେ ମୂଲ୍ୟର କି କି ଲଘୁ ଖଣିଜ ସାମଗ୍ରୀ ଅଦ୍ୟାବଧି ଗଚ୍ଛିତ ଅଛି ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି, ସେହି ଖଣିଜ ପ୍ରଦାର୍ଥ ମାନ ଖନନ ପରେ ଉକ୍ତ ସ୍ଥାନର କିଭଳି ସୁରକ୍ଷା ବ୍ୟବସ୍ଥା କରାଯାଇଛି?

----

## ନୂଆ ରାଜସ୍ୱ ଗ୍ରାମ ଘୋଷଣା

5838 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଜଙ୍ଗଲ ଗ୍ରାମ ଓ କ୍ଷୁଦ୍ର ବସତି ଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ପାଇଁ ସରକାରୀ ନିଷ୍ପତ୍ତି ଆଧାରରେ ଗତ 2 ବର୍ଷ ମଧ୍ୟରେ ବଡ଼ମ୍ବା ନିର୍ବାଚନ ମଣ୍ଡଳୀ ଏବଂ ରାଜ୍ୟର କେତେ ବସତିକୁ ଚିହ୍ନଟ କରାଯାଇଛି ଏବଂ ସେଥିମଧ୍ୟରୁ କେତୋଟିକୁ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପ୍ରଦାନ କରାଯାଇଛି, ଏହାର ଏକ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; (କ) ଚଳିତ ଆର୍ଥିକ ବର୍ଷରେ ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ଓ ରାଜ୍ୟରେ ମୋଟ କେତେ ସଂଖ୍ୟକ ନୂଆ ରାଜସ୍ୱ ଗ୍ରାମ ଘୋଷଣା କରାଯାଇଛି ; (ଖ) ଯେଉଁ ଚିହ୍ନଟ ବସତି ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି କିନ୍ତୁ ଏପର୍ଯ୍ୟନ୍ତ ଘୋଷଣା ବାକି ଅଛି, ସେଗୁଡ଼ିକୁ କେବେ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ ?

----

## ରାଜସ୍ୱ ମୌଜା ଘୋଷଣା

5839 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ ଜିଲ୍ଲାରେ ବର୍ତ୍ତମାନ କେତୋଟି ରାଜସ୍ୱ ମୌଜା ରହିଛି ; (ଖ) ବର୍ତ୍ତମାନର ରାଜସ୍ୱ ମୌଜାରେ ଥିବା ପଡା ଗ୍ରାମମାନଙ୍କୁ କେଉଁ ଭିତ୍ତିରେ ନୂତନ ରାଜସ୍ୱ ମୌଜା ଘୋଷଣା କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ପଡିରହିଥିବା ଅଭିଯୋଗ

5840 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଆର୍ଥିକ ବର୍ଷ 2023-24, 2024-25, 2025-26 ରେ right to information ମାଧ୍ୟମରେ ବିଭିନ୍ନ ବିଭାଗରୁ 2nd appeal commissioner ଙ୍କ ପାଖରେ କେତୋଟି ଅଭିଯୋଗ ପହଞ୍ଚିଛି ସେଥିରୁ କେତୋଟିର RTI Commissioner ଉତ୍ତର ରଖିଛନ୍ତି ଓ ରାୟଗଡା ଜିଲ୍ଲାରେ କେତୋଟି pending ରହିଛି ?

----

## ସେସ୍ ଆଦାୟ

5841 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ଦୁଇ ଆର୍ଥିକ ବର୍ଷ ଓ ଓ ଚଳିତ ବର୍ଷ ଏଯାବତ କେତେଟଙ୍କା ରାଜସ୍ୱ ଓ ଟିକସ ସେସ୍ ଆଦାୟ ହୋଇଛି ଏହା କେଉଁ କେଉଁ ନିୟମଧାରୀଙ୍କ କେଉଁ କେଉଁ ଖଣିରୁ ମିଳିଛି ଏଥିରୁ କେତେ ରାଜ୍ୟରେ ଥିବା କାରଖାନା ମାନଙ୍କରେ ବିନିଯୋଗ ହୋଇଛି ?

----

## ରାମିଆଳ ନଦୀବନ୍ଧ ଯୋଜନାରେ ଥଇଥାନ

5842 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ରାମିଆଳ ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ୬୧ (ଛଅଷଠି) ଟି ପରିବାରଙ୍କୁ ଚିହ୍ନଟ କରାଯାଇ ଥଇଥାନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ଜମା କଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷତିପୂରଣ ଅର୍ଥରାଶି ମିଳିନଥିବାର କାରଣ କ'ଣ, ବର୍ତ୍ତମାନ ଉକ୍ତ ହିତାଧିକାରୀଙ୍କୁ କ୍ଷତିପୂରଣ ଅର୍ଥରାଶି ପ୍ରଦାନର ସୁବ୍ୟବସ୍ଥା କରିବେ କି ?

----

## OMBADC ର ଖର୍ଚ୍ଚ ବିବରଣୀ

**5843 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Odisha Mineral Bearing Areas Development Corporation (OMBADC) ରେ ବର୍ତ୍ତମାନ କେତେ ପାଣ୍ଠି ଗଚ୍ଛିତ ଅଛି ଓ ଉକ୍ତ ଟଙ୍କା କେଉଁ ବ୍ୟାଙ୍କରେ ଅଛି ଏବଂ ସେଥିରୁ ମାସିକ କେତେଟଙ୍କା ସୁଧ ବାବଦକୁ ଆସୁଛି ତା'ର ଏକ ତଥ୍ୟ ଦେବା ସହିତ ଏହାର ବିଗତ 5 ଆର୍ଥିକ ବର୍ଷର ଖର୍ଚ୍ଚ ବିବରଣୀ ଉପସ୍ଥାପନ କରିବେ କି ?

----

## ପଟ୍ଟା ପ୍ରଦାନ

**5844 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବୋଲଗଡ ଓ ବେଗୁନିଆ ବ୍ଲକର ଯଥାକ୍ରମେ ବୋଲଗଡ-13 ଜଣ ଓ ବେଗୁନିଆ ବ୍ଲକର 51 ଜଣ ଭୂମିହୀନ ପରିବାରକୁ ଚିହ୍ନଟ କରାଯାଇଥିଲା, ସେମାନଙ୍କୁ କେବେସୁଦ୍ଧା ଦରଖାସ୍ତ (ଘରବାରୀ ଶୂନ୍ୟ) ଗ୍ରହଣ କରି ପଟ୍ଟା ପ୍ରଦାନ କରିବା ନିମନ୍ତେ କ'ଣ ପଦକ୍ଷେପ ନେଇଛନ୍ତି ; (ଖ) ବେଗୁନିଆ ତହସିଲ ଅନ୍ତର୍ଗତ କଣ୍ଟାବାଡ ଗ୍ରାମପଞ୍ଚାୟତର କାଚେରା ଗ୍ରାମକୁ ୧୯୯୨ ମସିହା ଠାରୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲେ ମଧ୍ୟ ରାଜସ୍ୱ ବିଭାଗ ବ୍ୟତୀତ ଅନ୍ୟ କୌଣସି ସରକାରୀ ନଥିପତ୍ରରେ କାଚେରା ଗ୍ରାମର ନାମ ନାହିଁ, ଯାହାଫଳରେ ଜନସାଧାରଣ ପୂର୍ବପରି କଣ୍ଟାବାଡ ଠିକଣା ଯୋଗୁଁ ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ସତ୍ୟ କି ?

----

## Minor Mineral Sairat ର ତଥ୍ୟ ପ୍ରଦାନ

**5845 ଶ୍ରୀ ସୁଶାନ୍ତ କୁମାର ରାଉତ (ଭୁବନେଶ୍ୱର-ଉତ୍ତର ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତୋଟି Minor Mineral Sairat Source ଅଛି District Survey Report (DSR) ତଥ୍ୟ ଅନୁସାରେ କେଉଁ ଜିଲ୍ଲାରେ କେତେ Sairat Source ଅଛି, ସେଥିରୁ କେଉଁ ଜିଲ୍ଲାରେ କେତୋଟି ବର୍ତ୍ତମାନ ଚାଲୁଅଛି ଏବଂ ସେହିଭଳି ରାଜ୍ୟରେ କେଉଁ ତହସିଲରେ କେତେ Minor Mineral Sairat Source ଅଛି, ସେଥିମଧ୍ୟରୁ ବର୍ତ୍ତମାନ କେତେ ଚାଲୁଛି ?

----

## ଅନାବାଦୀ ଜମିର ତାଲିକା

5846 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭଞ୍ଜନଗର Sub-Division ରେ କେତେ ଅନାବାଦୀ ଜମି, ଗୋଚର, ଶ୍ମଶାନ ଓ ଜଙ୍ଗଲ ଜମି ଅଛି ତା'ର ବ୍ଲକୱାରୀ/ ତହସିଲୱାରୀ ତାଲିକା ଦେବେ କି, ଏବଂ ଉକ୍ତ Sub-Division ରେ ପୂର୍ବରୁ କେତେ ଜମି ନିଖୋଜ ଅଛି, କେତେ ଜମିକୁ ଲୋକମାନେ ବେଆଇନ ଭାବେ କବଜା କରି ରଖିଛନ୍ତି ?

----

## ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଥିବା ନିୟମ

5847 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସରକାରଙ୍କ ସରକାରୀ ଜମିକୁ କିଏ ଯଦି ଜବରଦଖଲ କରିଥାଏ, ତାକୁ ଜବରଦଖଲ ମୁକ୍ତ କରି ସରକାରଙ୍କ ପାଖକୁ ଫେରାଇ ଆଣିବାର କ'ଣ ନିୟମ ରହିଛି ?

----

## Case ଗୁଡିକର ବର୍ତ୍ତମାନ ସ୍ଥିତି

5848 **ଶ୍ରୀମତୀ ସୁଜାତା ସାହୁ (ଯାଜପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଯାଜପୁର ଜିଲ୍ଲାରେ 31.03.2024 ପୂର୍ବରୁ କେତୋଟି Encroachment Case Disposal ନହୋଇ ପଡିରହିଛି, 2024-25 ଏବଂ 2025-26 ରେ କେତୋଟି Encroachment Case ହୋଇଛି, ସେଥିମଧ୍ୟରୁ କେତୋଟି Disposal ହୋଇଛି ଓ କେତୋଟି Pending ଅଛି ତା'ର ତହସିଲୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, ଏବଂ ସମସ୍ତ case ର ବର୍ତ୍ତମାନ ସ୍ଥିତି କଣ ଅଛି ?

----

## Mini Bus Stand on Subalaya

5849 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- Whether mini bus stand at big panchayat headquarters can be planned for benefits of people, Subalaya is a big Panchayat in Birmaharajpur constituency and there is a need of bus stand there ?

----